ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

पर्यवेक्षक

Vol.26 . No.299 Bhubaneswar Monday January 15 2024 | ୨୬ତମ ବର୍ଷ ସଂଖ୍ୟା–୨୯୯ ଭୁବନେଶ୍ୱର, ସୋମବାର, ଜାନୁଆରୀ ୧୫, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS











# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଲି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ । କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁ ଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋ ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ

ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ




ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହି କୁହନ୍ତି ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ଷ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।




# ଦେଶରେ ସ୍ୱାସ୍ଥ୍ୟ ଭିତିଭୂମି ଅଭାବରେ ଚାଲିଛି ସ୍ୱାସ୍ଥ୍ୟସେବା

ଆମ ଦେଶରେ ଜନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଅବସ୍ଥା ଅତି ଖରାପ ରହିଛି। ଏପରିକି ଅବସ୍ଥା ଦିନକୁ ଦିନ ଖରାପ ହୋଇ ଚାଲିଛି। ମାତ୍ର ବିଶ୍ୱର କେତେକ ଉନ୍ନତ ଦେଶରେ ଜନସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ବେଶ ଉଚ୍ଚ ମାନର। ଲଣ୍ଡନର ସାର୍ବଜନିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଅତି ଉନ୍ନତ। ସେଠାକାର ସରକାରୀ ଡ଼ାକ୍ତରଖାନା ୮୦ ଶତକଡ଼ାରୁ ଅଧିକ ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇଥାଏ। ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକାଲ୍ କର୍ମଚାରୀଙ୍କ ବେତନ ସରକାର ନିର୍ଦ୍ଧାରଣ କରିଥାନ୍ତି। ଜାପାନରେ ସେଠାକାର ସରକାର ଘରୋଇ ଡ଼ାକ୍ତରଙ୍କ ସେବା ପାଇଁ ଫିସ୍ ନିର୍ଦ୍ଧାରିତ କରିଥାନ୍ତି। ଏହାଦ୍ୱାରା ସେଠାରେ ଡ଼ାକ୍ତର ମାନେ ରୋଗୀଙ୍କ ଠାରୁ ଅଧିକ ଫିସ୍ ନେଇ ପାରନ୍ତି ନାହିଁ। ଆଉ ଏଥିରେ ଖିଲାପ କରୁଥିବା ଡ଼ାକ୍ତରଙ୍କ ଠାରୁ ବହୁ ଅଧିକ ଅର୍ଥ ଆଦାୟ କରାଯାଏ। ଫ୍ରାନ୍ସରେ ସେଠାକାର ସ୍ୱାସ୍ଥ୍ୟବ୍ୟବସ୍ଥା ଟିକେ ଭିନ୍ନ। ସେଠାରେ ପ୍ରତି ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ଇନ୍ସୁରାନ୍ସ କରାଯିବା ଜରୁରୀ। ଏହି ବ୍ୟବସ୍ଥା କୌଣସି ଲାଭ ପାଇଁ ନୁହେଁ ଓ ଏଥିପାଇଁ ସରକାରୀ ଟାକ୍ସରୁ ଫଣ୍ଡ ଦିଆଯାଏ। ଏହି ଇନ୍ସୁରାନ୍ସ ୭୦ରୁ ୮୦ ଶତକଡ଼ା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ପାଇଁ ହେଉଥିବା ଖର୍ଚ୍ଚକୁ କଭର କରିଥାଏ। ବାକି ଖର୍ଚ୍ଚ ଭଲୁଂଟାରୀ ଇନ୍ସୁରାନ୍ସ ମାଧ୍ୟମରେ ପୁରା କରା ଯାଇଥାଏ। ଏଥିଯୋଗୁ ଲୋକ ମାନେ ଚିକିତ୍ସା ପାଇଁ ନିଜ ପକେଟରୁ ଖର୍ଚ୍ଚ କରିବାକୁ ପଡ଼େନାହିଁ। ବାସ୍ତବରେ ୯୫ ଭାଗ ଲୋକେ ଭଲୁଂଟାରୀ ଇନ୍ସୁରାନ୍ସ ମାଧ୍ୟମରେ ସ୍ୱାସ୍ଥ୍ୟ ସୁବିଧା ହାସଲ କରନ୍ତି। ସେଠାରେ ସରକାର ଔଷଧ ଓ ଅନ୍ୟ ମେଡ଼ିକାଲ ଖର୍ଚ୍ଚ ର ମୂଲ୍ୟ ନିର୍ଦ୍ଧାରିତ କରନ୍ତି। ଏଥିପାଇଁ ସରକାର ନିଜ ଜିଡ଼ିପୀ ର ୧୧.୮ ପ୍ରତିଶତ ଖର୍ଚ୍ଚ କରିଥାନ୍ତି।

ସେହିପରି ସୁଇଜରଲାଣ୍ଡରେ ଉନ୍ନତ ସ୍ୱାସ୍ଥ୍ୟବ୍ୟବସ୍ଥା ଦେଖିବାକୁ ମିଳେ। ଏପରିକି ଏଠାରେ ଆମେରିକା ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଭଳି ଲାଗେ। ଏଠାରେ ପ୍ରାଇଭେଟ କଂପାନୀ ମାନେ ଇନ୍ସୁରାନ୍ସ ଯୋଗାଇ ଦିଅନ୍ତି, ଯାହାକୁ ନେବା ସମସ୍ତଙ୍କ ପାଇଁ ଅନିର୍ବାର୍ଯ୍ୟ ଅଟେ। ତେବେ ଏହା ଲାଭ ସହ ଆଦୌ ସଂପୃକ୍ତ ନୁହେଁ। କିନ୍ତୁ କେତେକ ଜରୁରୀ ସେବା ଓ ହସ୍ପିଟାଲ ପାଇଁ କଂପାନୀ ମାନେ ଲାଭ ନିଅନ୍ତି। ସେଠାରେ ମିଡ଼ିଲ ଗ୍ରୁପ ପାଇଁ ମଧ୍ୟ ଟ୍ୟାକ୍ସ ବହୁତ କମ୍ ରହିଛି।

ତେବେ ବିଭିନ୍ନ ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଦେଖାଗଲେ, ବାସ୍ତବରେ ଆଶ୍ଚର୍ଯ୍ୟ ଲାଗିବ। କାରଣ ଭାରତରେ ୧.୩ ବିଲିୟନ ଲୋକଙ୍କ ପାଇଁ ମାତ୍ର ୧୦ ଲକ୍ଷ ପଞ୍ଜିକୃତ ଡ଼ାକ୍ତର ଅଛନ୍ତି। ଆମର ଏଠାରେ ୧୦,୧୮୯ ଲୋକ ସଂଖ୍ୟାରେ ଜଣେ ମାତ୍ର ସରକାରୀ ଏଲୋପାଥିକ ଡ଼ାକ୍ତର ଅଛନ୍ତି, ଆଉ ଯଦିଓ ମେଡ଼ିକାଲ୍ କାଉନସିଲ୍ ଅଫ ଇଣ୍ଡିଆର କଥାକୁ ସତ୍ୟ ଧରାଯାଏ, ତେବେ ଭାରତରେ ଅଧାରୁ ଅଧିକ ଡ଼ାକ୍ତର ପଞ୍ଜିକୃତ ନୁହନ୍ତି ଓ ଏଲୋପାଥିରେ ସେମାନଙ୍କ ପାଖରେ କୌଣସି ଡ଼ିଗ୍ରୀ ନାହିଁ। ଅବଶ୍ୟ ବଡ଼ ସହର ମାନଙ୍କରେ ଅବସ୍ଥା ଭଲ ଅଛି। ପ୍ରାୟତଃ ସହର ଗୁଡ଼ିକରେ ୫୮ ଶତକଡ଼ା ପ୍ରଶିକ୍ଷିତ ଡ଼ାକ୍ତର ଥିବାବେଳେ ଗ୍ରାମାଂଚଳରେ ମାତ୍ର ୧୮ଶତକଡ଼ା ପ୍ରଶିକ୍ଷିତ ଡ଼ାକ୍ତର ପଞ୍ଜିକୃତ ଅଟନ୍ତି। ତେବେ ଭାରତ ସ୍ୱାସ୍ଥ୍ୟସେବା ପାଇଁ ନିଜ ଜିଡ଼ିପିର ୧.୨ ଶତକଡ଼ା ଖର୍ଚ୍ଚ କରୁଛି, ଯାହା, ମ୍ୟାଂମାର, ପାକିସ୍ତାନ ଓ କମ୍ବୋଡ଼ିଆ ଠାରୁ ସାମାନ୍ୟ ଅଧିକ।

ଭାରତରେ ସ୍ୱାସ୍ଥ୍ୟସେବାର ଅବସ୍ଥା ଏତେ ଖରାପ ଯେ, ୨୦୪୬ ଲୋକ ସଂଖ୍ୟାରେ ହସ୍ପିଟାଲରେ କେବଳ ଗୋଟିଏ ବେଡ୍ ମିଳିପାରୁଛି। ସେହିପରି ୯୦,୩୪୩ ଲୋକ ସଂଖ୍ୟାରେ ମାତ୍ର ଗୋଟିଏ ହସ୍ପିଟାଲ ଉପଲବ୍ଧ ହୋଇଥାଏ। ଦେଶର ୧୦ ଲକ୍ଷ ଡ଼ାକ୍ତରରେ ମାତ୍ର ୧୦ ଶତକଡ଼ା ସରକାରୀ ସ୍ୱାସ୍ଥ୍ୟସେବାରେ ଅଛନ୍ତି। ଆମ ହସ୍ପିଟାଲ ଗୁଡ଼ିକର ଅବସ୍ଥା କେତେ ଯେ, ଖରାପ, ତାହା ବର୍ଣ୍ଣନା କରିବାର ଆବଶ୍ୟକତା ନାହିଁ। ବାସ୍ତବତା ହେଲା, ଆମ ସରକାରୀ ଡ଼ାକ୍ତରଖାନାରେ ମଜଭୁତ ଭିତିଭୂମି, ଉପଯୁକ୍ତ ପରିଚାଳନା, ଆବଶ୍ୟକ ଦକ୍ଷ କର୍ମଚାରୀ ଓ ସଫା ସୁତୁରାରେ ବହୁ ପଛରେ ରହିଛି।

ଆମ ଦେଶର ଲୋକସଂଖ୍ୟାର ୨୨.୪ ଶତକଡ଼ା ଏବେ ବି ଗରୀବୀ ରେଖା ତଳେ ରହିଛନ୍ତି, ଯେଉଁମାନେ ସ୍ୱାସ୍ଥ୍ୟସେବା ପାଇଁ ସଂପୂର୍ଣ୍ଣ ଭାବେରେ ସରକାରଙ୍କ ଉପରେ ନିର୍ଭରଶୀଳ। ମାତ୍ର ସେମାନେ ସରକାରୀ ହସ୍ପିଟାଲରେ ଘୋର ଅବ୍ୟବସ୍ଥା ମଧ୍ୟରେ ରହୁଛନ୍ତି। ରୋଗୀ ମାନଙ୍କର ଉପଯୁକ୍ତ ଚିକିତ୍ସା ଓ ସେବା ପାଇଁ କାହାର ଦୃଷ୍ଟି ପଡୁନାହିଁ।

୨୦୧୭-୧୮ରେ ଭାରତ ନିଜ ଜିଡ଼ିପିର ୧.୨୮ ଶତକଡ଼ା ଖର୍ଚ୍ଚ କରିଥିବା ବେଳେ ୨୦୧୬-୧୭ରେ ୧.୦୨ ଶତକଡ଼ା ଥିଲା। ତେବେ ଅନ୍ୟାନ୍ୟ ଦେଶ ତୁଳନାରେ ଆମେ ସ୍ୱାସ୍ଥ୍ୟସେବା ବାବଦରେ ବହୁ କମ୍ ଖର୍ଚ୍ଚ କରୁଛେ। ଆମେରିକା ତା'ର ଜିଡ଼ିପିର ୧୮ଶତକଡ଼ା ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ପାଇଁ ଖର୍ଚ୍ଚ କରୁଛି, ଯାହା ବାର୍ଷିକ ମୁଣ୍ଡପିଛା ୧୦,୦୦୦ ଡ଼ଲାର ଅଟେ। ଭାରତର ସ୍ୱାସ୍ଥ୍ୟ ବାବଦରେ ଖର୍ଚ୍ଚ ବ୍ରିକ୍ସ ଦେଶ ମାନଙ୍କ ଠାରୁ ମଧ୍ୟ କମ୍ ରହିଛି। ତେବେ ଭାରତର ବର୍ତମାନ ସରକାର ପ୍ରତିଶ୍ରୁତି ଦେଇଛନ୍ତି ଯେ, ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ପାଇଁ ୨୦୨୫ ମଧ୍ୟରେ ଦେଶର ଜିଡ଼ିପିର ୨.୫ ପ୍ରତିଶତ ଖର୍ଚ୍ଚ କରାଯିବ। ମାତ୍ର ଏହା ମଧ୍ୟ ଅଧିକ କିଛି ନୁହେଁ।

୨୦୧୩-୧୪ରେ କରାଯାଇଥିବା ସର୍ଭେ(ଏନ୍ ଏସ୍ଏସ୍ଓ) ଅନୁଯାୟୀ ଭାରତରେ ୩୬ ମିଲିୟନ ପରିବାର ସବୁଠୁ ମାରାତ୍ମକ ରୋଗ ପାଇଁ ଖର୍ଚ୍ଚ କରନ୍ତି। ଏମାନଙ୍କ ମଧ୍ୟରେ ୨୫ ମିଲିୟନ ପରିବାର ଗ୍ରାମାଂଚଳର ଏବଂ ୧୧ ମିଲିୟନ ସହରାଂଚଳର। ଆମ ଆଶ୍ଚର୍ଯ୍ୟର କଥା ଯେ, ଆମ ଦେଶର ୩୯ ଶତକଡ଼ା ଗରୀବ ଲୋକଙ୍କୁ କୌଣସି ପ୍ରକାର ଡ଼ାକ୍ତରଖାନାର ସୁବିଧା ମିଳେନାହିଁ। ଏହାର ଅର୍ଥ ଆମ ଦେଶର ଏକ-ତୃତୀୟାଂଶ ଲୋକେ ସରକାରୀ ସ୍ୱାସ୍ଥ୍ୟ ସେବାରୁ ବଂଚିତ ରହୁଛନ୍ତି।

ଅବଶ୍ୟ ଆମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ମଜଭୁତ କରାଗଲେ, ଏଭଳି ଅବସ୍ଥାକୁ ଏଡ଼ାଇ ଦିଆଯାଇ ପାରିବ। ତେବେ ମଜଭୁତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ହୋଇପାରୁ ନଥିବାରୁ ଲୋକ ମାନଙ୍କୁ ଘରୋଇ ହସ୍ପିଟାଲର ସାହାରା ନେବାକୁ ପଡୁଛି, ଯାହା ଏତେ ମହଙ୍ଗା ଯେ, ଲୋକେ ସର୍ବସ୍ୱାନ୍ତ ହୋଇ ଯାଉଛନ୍ତି।

ଏହି ସମସ୍ୟାର ସମାଧାନ ପାଇଁ ମୁଖ୍ୟତଃ ସରକାର ଏ ବାବଦରେ ଅଧିକ ବ୍ୟୟବରାଦ କରିବାର ଆବଶ୍ୟକତା ରହିଛି। ସରକାରୀ ସ୍ୱାସ୍ଥ୍ୟ ଭିତିମୂମିରେ ଏଭଳି ପରିବର୍ତ୍ତନ କରାଯିବା ଉଚିତ, ଯେମିତି ସ୍ୱାସ୍ଥ୍ୟସେବା ଉଚ୍ଚ ଗୁଣମାନର ହୋଇପାରିବ। ଏଥି ସହିତ ସରକାର ଘରୋଇ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ମଧ୍ୟ ଲକ୍ଷ୍ୟ ରଖିବା ଉଚିତ ଓ ମନଇଚ୍ଛା ରୋଗୀ ମାନଙ୍କୁ ଶୋଷଣ କରୁଥିବା ଘରୋଇ ଡ଼ାକ୍ତରଖାନା ଗୁଡ଼ିକ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏପରିକି କେଉଁ ଚିକିତ୍ସା ପାଇଁ କେତେ ଟଙ୍କା ରୋଗୀଙ୍କୁ ଦେବାକୁ ପଡ଼ିବ, ତାହା ସରକାର ନିର୍ଦ୍ଧାରଣ କରିବା ଉଚିତ। ଅନ୍ୟଥା ସଂପୃକ୍ତ ଘରୋଇ ହସ୍ପିଟାଲ୍ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ମୁଖ୍ୟତଃ ଘରୋଇ ହସ୍ପିଟାଲ୍‌ରେ ଦିଆଯାଉଥିବା ସୁବିଧା ଓ ଚିକିତ୍ସା ପାଇଁ ନିଆଯାଉଥିବା ଫିସ୍ ତୁରନ୍ତ ନିୟନ୍ତ୍ରଣ ହେବା ଉଚିତ। କୁହାଯାଏ, ସ୍ୱାସ୍ଥ୍ୟ ହିଁ ସମ୍ପଦ। କୌଣସି ଦେଶ ସେ ପର୍ଯ୍ୟନ୍ତ ସମୃଦ୍ଧ ଓ ସୁଖି ହେବନାହିଁ, ଯେପର୍ଯ୍ୟନ୍ତ ନାଗରିକ ମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ନମିଳିବ।

# ବହୁ ପ୍ରତିଭାର ଅଧିକାରୀ ଥିଲେ ପଦ୍ମଶ୍ରୀ ଡ. ରଜତ କର



ଭୁବନେଶ୍ୱର (ପିଏନ୍): ମହାନ୍ ସାରସ୍ୱତ ସାଧକ, ପ୍ରାଜ୍ଞ ପ୍ରବଚକ, ପ୍ରବୀଣ ବକ୍ତା, ଶ୍ରୀଜଗନ୍ନାଥ ସଂସ୍କୃତିର ସମର୍ପିତ ଉପାସକ ପଦ୍ମଶ୍ରୀ ରଜତ କରଙ୍କ ଇହଲୀଳା ସମ୍ବରଣର ମର୍ମନ୍ତୁଦ ବାର୍ତ୍ତାରେ ମର୍ମାହତ। ବିଶେଷ କରି ବିଗତ ୪୨ ବର୍ଷ ଧରି ତାଙ୍କ ସାନ୍ନିଧ ଲାଭ କରିବାର ସୌଭାଗ୍ୟ ଅର୍ଜନ କରିଥିଲୁ। ପ୍ରବୀଣ ଶିକ୍ଷାବିତ୍, ନାଟ୍ୟକାର ଓ ଜଗନ୍ନାଥ ସଂସ୍କୃତିର ପ୍ରବକ୍ତା, ବିଗତ ଦୀର୍ଘ ୬୦ ବର୍ଷ ଧରି ସେ ଦୃଶ୍ୟ ଶ୍ରାବ୍ୟ ଗଣମାଧମ (ଟିଭି) ଓ ଆକାଶବାଣୀରେ (ରେଡ଼ିଓରେ) ରଥଯାତ୍ରାର ଧାରା ବିବରଣୀ ପ୍ରଦାନ କରି ଓଡ଼ିଶାର ଜନମାନସରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ। ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଜଣେ ସୁବକ୍ତା ଭାବେ ତାଙ୍କର ସୁଖ୍ୟାତି ରହିଛି ସମଗ୍ର ଭାରତବର୍ଷରେ। ୧୯୩୪ ମସିହା, ଅକ୍ଟୋବର ୨ ତରିଖରେ ପିତା କୁଳମଣି କର ଓ ମାତା ଇନ୍ଦୁମତୀ ଦେବୀଙ୍କ ଔରସରୁ ଜନ୍ମଗ୍ରହଣ କରିଥିବା ଏହି ମହାନ୍ ଓଡ଼ିଆ ରେଭେନ୍ସା କଲିଜିଏଟ୍ ସ୍କୁଲର ଛାତ୍ର ଥିଲେ ଏବଂ ପରେ ଅର୍ଥନୀତିରେ ସ୍ନାତକୋତ୍ତର ଶିକ୍ଷାଲାଭ କରିଥିଲେ। ବରେଣ୍ୟ ପଦ୍ମଶ୍ରୀ ରଜତ କର ଜଣେ ଶିକ୍ଷାବିତ୍ ଭାବରେ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗରେ ଦୀର୍ଘଦିନ ଧରି କାମ କରିଥିଲେ ଏବଂ ଏସ୍‌ସିଇଆଇଟିର ନିର୍ଦ୍ଦେଶକ ଭାବେ ଚାକିରିରୁ ଅବସର ଗ୍ରହଣ କରିଥିଲେ। ଆକାଶବାଣୀର ବିଭିନ୍ନ କାର୍ଯ୍ୟକ୍ରମରେ ଅଭିନୟ କରିବା ସହିତ ଅନେକ ନାଟକ ମଧ ରଚନା କରିଛନ୍ତି। ଜଗନ୍ନାଥ ଧର୍ମ ଓ ରୀତିନୀତିକୁ ନେଇ ସେ ଅନେକ ସାହିତ୍ୟ ରଚନା କରିଛନ୍ତି। ତନ୍ମଧରେ "ଜନ ଜୀବନରେ ଜଗନ୍ନାଥ", "ଅନନ୍ୟ ଜଗନ୍ନାଥ ଅନଭୂତିର", "ଅନ୍ଧପୁଟୁଳି", "ଚନ୍ଦନ ହଜୁରୀ", "ଜଣାଣ ଜଣାଉଛି ଜଗନ୍ନାଥଙ୍କୁ", "ବାଇଶି ପାବଛ", "ବୀର ଚାଖି ଖୁ ିଆ"', "ଜନମାନସରେ ଭଞ୍ଜ" ପ୍ରଭୃତି ସାରସ୍ୱତ ସୃଷ୍ଟି ଓଡ଼ିଆ ବାଣୀଭଣ୍ଡାରର ଅମ୍ଳାନ ପଣ୍ୟ। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଅକଳ୍ପନୀୟ ପ୍ରତିଭା ତଥା ସୃଷ୍ଟି ସମୂହର ଜଣେ ଗବେଷକ ଭାବରେ ଯେପରି ତାଙ୍କର ପ୍ରଜ୍ଞା ପ୍ରତିଫଳିତ, ଠିକ୍ ସେହିପରି ପାଲା ସାହିତ୍ୟ ସଂସ୍କୃତିର ଜଣେ ସମର୍ପିତ ଉପାସକ ଭାବେ ସୁପରିଚିତ ଥିଲେ ଏବଂ ବିଭିନ୍ନ ଦୃଶ୍ୟ ଶ୍ରାବ୍ୟ ଗଣମାଧମ ଦ୍ୱାରା ପାଲା ସାହିତ୍ୟ ପ୍ରତିଯୋଗିତା ଅର୍ଥାତ୍ ବାଦିପାଲାର ବିଚାରକ ଭାବେ ତାଙ୍କର ପ୍ରଜ୍ଞାଦୀପ୍ତ ବ୍ୟକ୍ତିତ୍ୱ ପାଇଥିଲା ଅଜସ୍ର ଦର୍ଶକୀୟ ପ୍ରଶଂସା। ତାଙ୍କର ଅମୃତ ଅମ୍ଳାନ ସ୍ମୃତି ପ୍ରତି କୋଟିକୋଟି ପ୍ରଣାମ ଜଣାଉଛି।

# ଚାଷୀ ଓ ଏଆରଏସ୍ଏସ୍ କମ୍ପାନୀ କର୍ମଚାରୀ ମୁହାଁମୁହିଁ ଘଟଣା, ଥାନାରେ ରୁଜୁ ହେଲା ଦୁଇଟି ମାମଲା

ଆନନ୍ଦପୁର (ପିଏନ୍): ଆନନ୍ଦପୁର ବ୍ଲକ ତରତରା ପଂଚାୟତ ମାଠିଆ ନେଣ୍ଡି ଗ୍ରାମର ଚାଷୀ ଓ କେନାଲ ନିର୍ମାଣକାରୀ ଏଆରଏସ୍ଏସ୍ ଠିକା ସଂସ୍ଥାର କର୍ମଚାରୀ ମୁହାଁମୁହିଁ ହେବା ପରିସ୍ଥିତିକୁ ନେଇ ଥାନାରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ ହୋଇଛି । ଏଆରଏସ୍ଏସ୍ ଠିକା ସଂସ୍ଥାର ଯନ୍ତ୍ରୀ ଅବଦୁର ରହିମ୍ ଆମରୁଲ୍ ହକ୍‌ଙ୍କ ଅଭିଯୋଗ ଆଧାରରେ ଆନନ୍ଦପୁର ଥାନା ପକ୍ଷରୁ ୧୦୮/୦୫.୦୫.୨୦୨୨ରେ ଏକ ମାମଲା ରୁଜୁ ହୋଇଛି । ଅଭିଯୋଗ ଅନୁଯାୟୀ ଚାଷୀ ମନୋରନ ଆଇଚ ୫ଟ୍ରିପ୍ ମାଟି ମାଗିବା ସହିତ ୧୦ ହଜାର ଟଙ୍କା ଦାଦା ବଟି ଦାବି କରିଥିଲେ । କମ୍ପାନୀ କର୍ମଚାରୀ ମନା କରିବାରୁ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏପରିକି କର୍ମଚାରୀଙ୍କୁ ହତ୍ୟା ଧମକ କରିଥିବା ମଧ ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ଚାଷୀଙ୍କ ବାପା ଭରତ ଚନ୍ଦ୍ର ଆଇଚଙ୍କ ଅଭିଯୋଗକୁ ଆଧାର କରି ଥାନା ପକ୍ଷରୁ ୧୧୦/୦୬.୦୫.୨୦୨୨ରେ ଏକ ପାଲଟା ଅଭିଯୋଗ ମଧ ହୋଇଛି । ଚାଷୀ ମନୋରଂଜନ ବାପାଙ୍କ ଅଭିଯୋଗ ଅନୁଯାୟୀ ଠିକା କମ୍ପାନୀ ଏଆରଏସ୍ଏସ୍ ଦ୍ୱାରା ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ଦୂରଦୃଷ୍ଟି ଅଭାବ ସମ୍ପନ୍ନ କାର୍ଯ୍ୟାକଳାପ ପାଇଁ ଚାଷ ଜମି କ୍ଷତିଗ୍ରସ୍ତ ହେଉଛି । ଯାହାର ପ୍ରତିବାଦ କରିବାରୁ ମନୋରନଙ୍କୁ ପାଲଟା ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି । ଠିକା କମ୍ପାନୀ କର୍ମଚାରୀଙ୍କ ଅଭିଯୋଗ ଆଧାରରେ ଚାଷୀ ମନୋରଂଜନଙ୍କୁ ଗିରଫ କରାଯାଇଥିବା ଥାନା ସୂତ୍ରରୁ ସୂଚନା ମିଳିଛି । ଅନ୍ୟପଟେ ଚାଷୀଙ୍କ ବାପା କରିଥିବା ଅଭିଯୋଗର ତଦନ୍ତ ଚାଲିଥିବା ପୋଲିସ ନିକଟରୁ ସୂଚନା ମିଳିଛି । ଏଭଳି ବିବାଦୀୟ ପରିସ୍ଥିତିରେ ଚାଷୀଙ୍କ ବାପା ଭରତ ଚନ୍ଦ୍ର ଆଇଚ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିବା ସହିତ କମ୍ପାନୀର ବେପରୁଆ ନିର୍ମାଣ କାର୍ଯ୍ୟ ପାଇଁ କ୍ଷତିଗ୍ରସ୍ତ ହେଉଛିବା ଚାଷ ଜମିର ରକ୍ଷଣା ବେକ୍ଷଣ ଦାବି କରିଛନ୍ତି । ସୂଚନାଯୋଗ୍ୟ ଯେ ପୂର୍ବରୁ ବର୍ଷା ସମୟରେ ଚକ୍ରତୀର୍ଥ ନୀଳ, ବାହାଆ ନାଳ ଓ ପାହାଡରେ ଆସୁଥିବା ପାଣି ତିନିଗୋଟି ନୀଳରେ ପାଣି ପ୍ରବାହିତ ହେଉଥିଲା । ଠିକା କମ୍ପାନୀ ନିର୍ମାଣକୁ ନେଇ ବର୍ତ୍ତମାନ ଏହି ତିନିଗୋଟି ନାଳର ପାଣି ଗୋଟିଏ ନାଳରେ ଯାତାୟତ କରୁଛି । ଯଦ୍ୱାରା ପାଣିର ତୀବ୍ରତା ବୃଦ୍ଧି ପାଉଥିବା ବେଳେ ଚାଷ ଜମି ଗୁଡିକ ପ୍ରଭାବିତ ହେଉଛି । ଚାଷ କାର୍ଯ୍ୟ କରିବା ଆଦୌ ସମ୍ଭବ ହେଉନାହିଁ । ଏହି ପ୍ରଭାବିତ ଚାଷ ଜମି ମଧରେ ମନୋରନଙ୍କ ୭ ଏକର ଜମି ପ୍ରଭାବିତ ହେଉଥିବାରୁ ଚାଷୀ ମନୋରଂଜନ କେନାଲ ନିର୍ମାଣକାରୀ ଠିକା ସଂସ୍ଥା କର୍ମଚାରୀଙ୍କୁ ସମ୍ପୃକ୍ତ ନାଳକୁ ମାଟି ପକାଇ ଅବରୋଧ କରିବାକୁ କହିଥିଲେ । ଯାହାକୁ ନେଇ ଏଭଳି ବିବାଦୀୟ ପରିସ୍ଥିତି ନଜରକୁ ଆସିଛି । ପ୍ରଶାସନିକ ସ୍ତରରେ ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ନିରପେକ୍ଷ ତଦ' ଦାବି କରାଯାଇଛି ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ରେମୁଣା ବ୍ଲକ ସଂକରପୁର ସ୍ଥିତ ତ୍ରିଶକ୍ତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅମୁଲ୍ୟ କୁମାର ପାତ୍ର ମାର୍ଚ୍ଚ ୩୧ ତାରିଖରେ ଅବସର ନେଇ ସାରିଥିବା ବେଳେ ସହକାରୀ ଶିକ୍ଷକ ଶ୍ରୀଯୁକ୍ତ ଛତୀନ୍ଦ୍ର ଦଣ୍ଡପାଟ ଅପ୍ରେଲ ୩୦ରେ ଅବସର ନେବାର ପ୍ରାୟ ୧ ମାସ ଅନ୍ତରରେ ଦୁଇ ଦୁଇ ଜଣ ଶିକ୍ଷକ ଅବସର ନେଉଥିବାରୁ ଏହାକୁ ସ୍ମରଣୀୟ କରିବା ପାଇଁ ସହକାରୀ ଶିକ୍ଷକ, ପୁରାତନ ଛାତ୍ର ଏବଂ ଗ୍ରାମବାସୀମାନେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରିଥିଲେ। ଏହି ସଭାର ମଞ୍ଚ ପରିଚାଳନା ଦାୟିତ୍ୱ ନେଇଥିଲେ ରାଷ୍ଟ୍ରପତି ଓ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ସତ୍ୟଭାମା ମୁଦୁଲି। ମଞ୍ଚରେ ସଭାପତି ଭାବେ ଶ୍ରୀଯୁକ୍ତ ରାମ ଚନ୍ଦ୍ର ଓଝା ଓ ଉଦ୍ଘାଟକ ଭାବେ ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ କବିତା ପାଣୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ରେମୁରା ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଯୁକ୍ତ କାଳେନ୍ଦି ଚରଣ ସୋରେନ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଶ୍ରୀଯୁକ୍ତ ଜୟନ୍ତ କୁମାର ଦାସ, ଶ୍ରୀଧର ଘୋଷ, ସ୍ମୃତିଧର ସାହୁ, କରୁଣାକର ମହାଳିକ, ଦେବେନ୍ଦ୍ର ପଣ୍ଡା ଓ ଭରତ ଚରଣ ଓଝା ଉପସ୍ଥିତ ଥିଲେ। ପୁରାତନ ଛାତ୍ର ଦୀପକ ମହାନ୍ତି, ଦେବାଶିଷ ଦାସ, ସଂଜୟ ମହାନ୍ତି, ସୌମ୍ୟ ରଞ୍ଜନ ଓଝା, ଅନୀଲ ମହାନ୍ତି, ହରିଶ ଚନ୍ଦ୍ର ମହାନ୍ତି, ବିଜୟ ମହାନ୍ତି, ସୋମନାଥ ମହାନ୍ତି, ଭଜକିଶୋର ମହାନ୍ତି, ସଂଜୟ କୁମାର ବେହେରା ଓ ମଞ୍ଚରେ ବସିଥିବା ସମସ୍ତ ଅତିଥି ମାନେ ଶ୍ରୀଯୁକ୍ତ ପାତ୍ର ଏବଂ ଶ୍ରୀଯୁକ୍ତ ଦଣ୍ଡପାଠ ଙ୍କ ଦୀର୍ଘ ବର୍ଷର ଶିକ୍ଷକତା ସହିତ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ଭଲ ମଣିଷ ପରି ମଣିଷଟିଏ ଗଢ଼ିବା ପାଇଁ ଚେଷ୍ଟା କରିବା ଓ ବିଦ୍ୟାଳୟର ଉନ୍ନତି ଦିଗରେ ଅକ୍ଲାନ୍ତ ପରିଶ୍ରମ କରିବା ଆଦି ନିଜ ନିଜ ବକ୍ତବ୍ୟ ରେ କହିଥିଲେ। ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରଥମେ ଉଦ୍ଘାଟନୀ ସଂଗୀତ ପରିବେଷଣ କରିବା ସହିତ ମଝିରେ ମଝିରେ ସମ୍ବର୍ଦ୍ଧନା ସଂଗୀତ ଗାନ କରିଥିଲେ। ଅବସର ପ୍ରାପ୍ତ ଶିକ୍ଷକଙ୍କୁ ଗ୍ରାମବାସୀ ଓ ପୁରାତନ ଛାତ୍ର ଛାତ୍ରୀ ଅବସରକାଳୀନ ମାନପତ୍ର ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିବା ସହିତ ସ୍ମରଣୀୟ ରଖିବା ପାଇଁ ସମସ୍ତେ ଉପହାର ଦେଇଥିଲେ। ଶେଷରେ ଶୀକ୍ଷୟତ୍ରୀ ସରସ୍ୱତୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। କମିଟିର ସମସ୍ତ ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଯାନବାହନ ଚଳାଚଳ ନେଇ ଟ୍ରାଫିକ୍ କଟକଣା ଲାଗୁ

ବାଲେଶ୍ୱର (ପିଏନ୍)- ଦୁର୍ଘଟଣା, ଜୀବନହାନି ଏବଂ ଟ୍ରାଫିକ୍ ଜାମ୍ ହ୍ରାସ କରିବା ପାଇଁ ବାଲେଶ୍ୱର ସହରର କେତୋଟି ନିର୍ଦ୍ଦିଷ୍ଟ ରାସ୍ତାରେ ଭାରୀଯାନ ଚଳାଚଳ ନେଇ ଜିଲ୍ଲା ପ୍ରଶାସନ ତରଫରୁ କଟକଣା ଲାଗୁ କରାଯାଇଛି । ଆଇ.ଟି.ଆଇ. ଛକରୁ ଭାୟା ବାଲେଶ୍ୱର ବସ୍‌ଷ୍ଟାଣ୍ଡ, ଏଫ.ଏମ୍. ଗୋଲେଇ ଦେଇ ସୁରଜ ହୋଟେଲ ଛକ, ପୋଲିସ ଲାଇନ ଛକରୁ ଭାୟା ଏଫ.ଏମ୍. କଲେଜ ଦେଇ ହେମକାପଦା ଛକ, ଫକୀରମୋହନ ଗୋଲେଇରୁ ଭାୟା ଫାଣ୍ଡି ଛକ, ଚିଡିଆପୋଲ, ସଦର ମହକୁମା ଡାକ୍ତରଖାନା, ସିନେମା ଛକ ଏବଂ ମୋତିଗଞ୍ଜ ବଜାର ଦେଇ ଟାଉନ ଥାନା, ଷ୍ଟେସନ ଛକରୁ ଭାୟା ଏଡିଏମ ଛକ, ଜିଲ୍ଲା ସ୍କୁଲ ଦେଇ ପାଣି ଟାଙ୍କି ଛକ, ମିର୍ଜାପୋଖରୀ ଛକରୁ ଭାୟା ମାଣିଖମ୍ବ ଏବଂ ବାରବାଟୀ ଦେଇ ବୁଢ଼ା କାର୍ତିକ ଛକ, ମିର୍ଜାପୋଖରୀରୁ ଭାୟା ଟାଉନହଲ ଏବଂ ସିନେମା ଛକ ଦେଇ ବେବିଲୋନ ଛକ, ଟେକନିକାଲ ସ୍କୁଲ ଛକରୁ ଭାୟା ଏଡିଏମ ଛକ, ରାଜାବଗିଚା ଦେଇ ନାରୀସଂଘ,ଷ୍ଟେସନ ଛକରୁ ଭାୟା ନାରୀସଂଘ ଦେଇ ପତୁଆଁପଦା ଛକ ପର୍ଯ୍ୟନ୍ତ ରାସ୍ତାଗୁଡିକରେ ସକାଳ ୮ଘଟିକା ୩୦ମିନିଟ୍‌ରୁ ରାତ୍ର ୧୦ଘଟିକା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି । ହରିପୁର ପାର୍ଶ୍ୱରୁ ଆସୁଥିବା କେବଳ ଟ୍ରାକ୍ଟର, ମିନିଟ୍ରକ୍ ଗୁଡିକୁ ଆନନ୍ଦ ବଜାର, ମାଲଗୋଦାମ, ଭାସ୍କରଗଞ୍ଜ ଛକ, ତେଲେଙ୍ଗା ସାହି ଛକ, ପୋଲିସ ଲାଇନ ଛକ ଦେଇ ଆଇ.ଟି.ଆଇ.ଛକ ଆଡକୁ ଯିବା ଓ ସେହି ସମାନ ରାସ୍ତା ଦେଇ ଫେରିବାକୁ ଅନୁମତି ଦିଆଯିବ । ସେହିପରି ଚାନ୍ଦିପୁର ଅଂଚଳରେ ସମୁଦ୍ର ବେଳାଭୂମିରେ ଗାଡି ଚାଳନା ଯୋଗୁଁ ଘଟୁଥିବା ଅଘଟଣକୁ କମାଇବା ପାଇଁ ସୋନପୁର ଛକରୁ ଆରମ୍ଭ କରି ଚାନ୍ଦିପୁର ପାନ୍ଥନିବାସ ପର୍ଯ୍ୟନ୍ତ ଯାନ ଚାଳନା ନିଷେଧ ଥିବା ଅଂଚଳରେ ସମସ୍ତ ପ୍ରକାର ଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି । ଅନୁରୂପ ଭାବେ ଯାନବାହାନ ଚଳାଚଳ ପାଇଁ ଉଦ୍ଦିଷ୍ଟ ନ ଥିବା ତାଳସାରୀ ବେଳାଭୂମି ଅଂଚଳରେ ମଧ୍ୟ ସମସ୍ତ ପ୍ରକାର ଯାନ ଚଳାଚଳ ଉପରେ କଟକଣା ଲାଗିଛି । ବାଲେଶ୍ୱର ସହରର ଫାଣ୍ଡିଛକ(ସହଦେବଖୁଂଟା ଥାନା)ରୁ ଆରମ୍ଭ କରି ଚିଡିଆପୋଲ ପର୍ଯ୍ୟନ୍ତ ମୁଖ୍ୟ ପରିବହନ ରାସ୍ତାରେ ଅବାଧ ଗାଡି ଚଳାଚଳ ପାଇଁ ଦୁଇ ଚକିଆ ଯାନ ବ୍ୟତୀତ ସମସ୍ତ ପ୍ରକାର ଯାନର ବେଆଇନ ପାର୍କିଂ ଉପରେ କଟକଣା ଲାଗୁ କରାଯାଇଛି । ଏ ସମସ୍ତ ଯାନ ମିଶନ ପଡିଆରେ ପାର୍କିଂ କରିବାକୁ କୁହାଯାଇଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଦ୍ୱାରା ଅନୁମୋଦିତ ଆଦେଶନାମା ଅନୁଯାୟୀ ୫.୫.୨୦୨୨ରିଖରୁ ୩.୬.୨୦୨୨ରିଖ ପର୍ଯ୍ୟନ୍ତ ୩୦ଦିନ ପାଇଁ ଏହି ସମସ୍ତ କଟକଣା ବଳବତର ରହିବ ।

# ନ୍ୟାୟ ପାଇଁ ପୀଡ଼ିତା ଏସ୍.ପି. ଅଫିସ ସମ୍ମୁଖରେ ଧାରଣା ଦେବେ

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳରେ ସଚେତନତାର ଅଭାବ ଯୋଗୁଁ ଅଳ୍ପ ବୟସରେ ବିବାହ ପରେ ନିର୍ଯାତନା ମାମଲା ବିଚ୍ଛେଦ ଭଳି ଘଟଣାର ସୁଯୋଗ ନେଇ ଗୁଣିଆ ନାମରେ ପ୍ରଲୋଭିତ କରି ଏ ସବୁର ଫାଇଦା ଉଠାଇଛନ୍ତି। ଦୀର୍ଘ ୭୯ ଦିନ ପରିବାରଠାରୁ ଦୂରରେ ରହି ଏକ ରୁଦ୍ଧ କୋଠରୀରେ ୨୨ ବର୍ଷର ନିର୍ଯ୍ୟାତିତା ଓ ତାର ଅଢ଼େଇ ବର୍ଷର ଶିଶୁ କୁ ନିକଟରେ ମୟୁରଭଞ୍ଜ ଜିଲ୍ଲା ପୁଲିସ ସହାୟତାରେ ମୋରଡ଼ା ଅଞ୍ଚଳରୁ ଉଦ୍ଧାର କରାଯିବା ଘଟଣା ସମଗ୍ର ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଧରିବାରେ ପୁଲିସ୍ ଅସଫଳ ହୋଇଥିଲେ ହେଁ ଏଥିନେଇଁ ବିଭିନ୍ନ ସଙ୍ଗୀନ ଦଫାରେ ଜଳେଶ୍ୱର ପୁଲିସ୍ ପକ୍ଷରୁ କେସ ନଂ ୧୬୯/୨୦୨୨ ଦଫା ୭୯୮(କ)/୨୯୪ ୩୨୩, ୩୪୨, ୪୧୭, ୧୦୯,୩୭୬ (୨) (ଏନ) ୫୦୬ ୩୪ ୩,୪,୫,୬ ଦଫାରେ ନୀଳମଣି ଜେନା, ଗୀତାରାଣୀ ଜେନା, ସୂର୍ଯ୍ୟମଣି ଜେନା, ସେକ୍ ତରାଫ ନାମରେ ମାମଲା ରୁଜୁ ହୋଇ ରହିଛି। କିନ୍ତୁ କୌଣସି ଅଭିଯୁକ୍ତଙ୍କୁ ଏଯାଏଁ ଧରିପାରିନାହିଁ। ଏ ବାବଦରେ ବିଭିନ୍ନ ସଚେତନ ସଂଗଠନ, ଗଣମାଧମ ଓ ମାନବାଧିକାର କର୍ମୀ ଅଭିଯାନ ଜାରି ରଖିଛନ୍ତି। ହେଲେ ପିଡ଼ିତା ବିଳମ୍ବିତ ନ୍ୟାୟର ଶିକାର ହୋଇ ବାଲେଶ୍ୱର ଜିଲ୍ଲା ଏସପିଙ୍କ ଓଫିସ ସମ୍ମୁଖରେ ଧାରଣାରେ ବସିବେ ବୋଲି ଗଣମାଧମ ସାମ୍ନାରେ ପ୍ରକାଶ କରିଛନ୍ତି।

ଘଟଣାରୁ ପ୍ରକାଶ ଯେ ଜଳେଶ୍ୱର ଅଂଚଳର ମହିଳା ଜଣକ ରାଇଗିଣିଆ ଅଂଚଳରେ ବିବାହ କରିଥିବା ବେଳେ ଶାଶୁଘର ଲୋକେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ସ୍ୱାମୀ ବାହାର ରାଜ୍ୟକୁ ପଳାଇବା ପରେ ମହିଳାଙ୍କ ଶାଶୁ ଭୋଗରାଇ ଅଂଚଳର ଜଣେ ଭଣ୍ଡ ଓ କାମାନ୍ଧ ଗୁଣିଆ ପାଖକୁ ନେଇଯିବା ସହ ତା ସହ ଶାରୀରିକ ସଂପର୍କ ରଖିଲେ ଘରକୁ ଶାନ୍ତି ଫେରିବ ସ୍ୱାମୀ, ସ୍ତ୍ରୀଙ୍କ ମଧରେ ଭଲସଂପର୍କ ରହିବ କହି ଗୁଣିଆ ନିକଟରେ ଛାଡ଼ି ଚାଲି ଆସିଥିଲେ। ଗୁଣିଆ ଜଣକ ମହିଳାଙ୍କୁ ମୟୁରଭଞ୍ଜ ଜିଲ୍ଲା ମୋରଡ଼ା ଥାନା ବଇଁଗଡ଼ିଆ ଗାଁକୁ ନେଇଯାଇ ସେଠାରେ ଏକ ବନ୍ଦ କୋଠରୀରେ ଦୁଇମାସରୁ ଉର୍ଦ୍ଧ୍ୱ ସମୟ ରଖି ବାରମ୍ବାର ଦୁଷ୍କର୍ମ କରିଥିଲା। ଗତ ସପ୍ତାହରେ ମହିଳା ଜଣଙ୍କ କୌଶଳ କ୍ରମେ ତାଙ୍କ ବାପ ଘର ଲୋକଙ୍କୁ ଏ ସଂପର୍କରେ ଫୋନକରି ଜଣାଇଥିଲେ। ପରିବାର ଲୋଲେ ଖବର ପାଇ ସେଠାରେ ପହଞ୍ଚି ମୋରଡ଼ା ପୁଲିସ୍ ସହାୟତାରେ ଗତ ୨୮ ତାରିଖରେ ମହିଳା ଓ ତାଙ୍କ ପୁଅକୁ ସେହି କାଳ କୋଠରୀରୁ ଉଦ୍ଧାର କରିବା ପରେ ଜଳେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ଏ ବାବଦରେ ପୀଡ଼ିତାକୁ ଡାକ୍ତରୀ ମାଇନା ସହ କୋର୍ଟରେ ହାଜର କରାଯାଇ ବୟାନ ରେକର୍ଡ଼ ହୋଇଛି। ଏହି ମାମଲା ଜାତୀୟ ମାନବାଧିକାରୀ କମିଶନ ପାଖରେ ପହଞ୍ଚିଛି। କେନ୍ଦୁଝର ଜିଲ୍ଲା ଶାଳଣିଆ ଅଂଚଳର ମାନବାଧିକାରୀ କର୍ମୀ ସୁଧାଂଶୁ ଶେଖର ନାୟକଙ୍କ ଅଭିଯୋଗ ଆଧାରରେ ଏନ,ଏଚ ଆର ସି କେସ ନଂ ୭୧୭୨/୨୨ରେ ଏକ ମାମଲା ପଞ୍ଜିକୃତ ହୋଇଛି। ଏ ସବୁ ସତ୍ତ୍ୱେ ପୁଲିସର ହାତ ଶୁନ ଯଦିଓ ଜଳେଶ୍ୱର ଥାନା ଅଧିକାରୀ ଏସ ଡ଼ି ପି ଓ ଗଣ ପୀଡ଼ିତାଙ୍କୁ ଯେଉଁ ଅନ୍ତରୀଣ ସାହାଯ୍ୟ, ସୁବିଧା ଦିଆ ଯିବା କଥା ତାହାର ସୁରକ୍ଷା ସହିତ ଶିଶୁର ସୁରକ୍ଷା ଏଥିନେଇ ସାହାଯ୍ୟ ଦିଆଯାଇ ନାହି। ଆଜି ବହୁ ଚର୍ଚ୍ଚିତ ଏସିଡ଼ ମାଡ଼ ଘଟଣାର ପୀଡ଼ିତା ପ୍ରମୋଦିନୀ ରାଉଳ ଯେଉଁ ରାୟ ପ୍ରକାଶ ପାଇଛି ସେଥିରେ ସେ ଆଦୌ ସନ୍ତୁଷ୍ଟ ନୁହଁନ୍ତି। ପୁଲିସ ନିଷ୍କ୍ରିୟତା କାରଣରୁ ଅଭିଯୁକ୍ତ ଙ୍କୁ ଧରିବାରେ ପୁଲିସ କୁ ବହୁ ସମୟ ଲାଗିଥିଲା। ଦୋଷୀକୁ ଯେଉଁ ଦଣ୍ଡ ମିଳିଛି ଅଧିକ କୋଠର ଦଣ୍ଡ ଦେବା ପାଇଁ ସେ ହାଇକୋର୍ଟ କୁ ଯିବେ ବୋଲି ଗଣ ମାଧମକୁ କହିଛନ୍ତି ତେବେ ପ୍ରଶ୍ନ ଉଠୁଚି ଜଳେଶ୍ୱର ଥାନାରେ ଜଣେ ମହିଳା ଥାନାଧିକାରୀ ଥିଲାବେଳେ ମହିଳାକୁ କି ପ୍ରକାର ସୁରକ୍ଷା ଓ ନ୍ୟାୟ ମିଳୁଛି ସେଥିନେଇ ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ତୁରନ୍ତ ନ୍ୟାୟ ପାଇଁ ପୀଡ଼ିତା ଜିଲ୍ଲା ପୁଲିସ ମୁଖ୍ୟ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ପାଇଁ ମନସ୍ତ କରୁଛନ୍ତି।

# ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୨୫ତମ ଶ୍ରାଦ୍ଧବାର୍ଷିକୀ ପାଳିତ

ଘଷିପୁରା (ପିଏନ୍): ସାହସିକତା ଓ ଦୂରଦୃଷ୍ଟି ପାଇଁ ସାରା ବିଶ୍ୱରେ ସୁଖ୍ୟାତ, ପ୍ରବାଦପୁରୁଷ ତଥା ଓଡିଶାର ଦ୍ୱିତୀୟ ଖାରବେଳ ବିଜୁ ବାବୁଙ୍କ ନୀତି, ଆଦର୍ଶକୁ ପାଥେୟ କରି ଚାଲିଲେ ରାଜ୍ୟର ସ୍ଥାନ ବିଶ୍ୱର ସର୍ବାଗ୍ରେ ରହିବ ବୋଲି ପୂର୍ବତନ ମନ୍ତ୍ରୀ ତଥା ଘଷିପୁରା ବିଧାୟକ ବଦ୍ରୀ ନାରାୟଣ ପାତ୍ର ମତପୋଷଣ କରିଥିଲେ । ବିଜୁ ପଟ୍ଟନାୟକଙ୍କ ୨୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ମଦନପୁରଠାରେ ଘଷିପୁରା ବ୍ଲକସ୍ତରୀୟ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ପାତ୍ର ସଭାସଦ୍‌ମାନଙ୍କୁ ଉଦ୍‌ବୋଧନ ଦେଇ ସମାଜ ସେବାରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ । ଯୁବନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସାଧାରଣ ସଭାରେ ସ୍ଥାନୀୟ ସରପଂଚ ହିମାଂଶୁ ଯେନା, ସମିତିସଭ୍ୟଙ୍କ ପ୍ରତିନିଧି କ୍ଷୀତିଶ ସାହୁ, କେନ୍ଦୁଝର ଜିଲ୍ଲାପରିଷଦର ପୂର୍ବତନ ଉପାଧ୍ୟକ୍ଷ ଅକ୍ଷୟ ସାହୁ, ବରିଷ୍ଠ ନେତା ନନ୍ଦକିଶୋର ବେହେରା, ବିଭାସ ନାୟକ, ବଳରାମ ସାହୁ, ବଳରାମ ବେହେରା, ବିଜୟ ଜେନା, ବୁଲୁ ପଟ୍ଟନାୟକ, ପରେଶ କୁଅଁର, ବାପି ଭୂୟାଁ, ପର୍ଶୁରାମ ମହାରଣା ତଥା ଘଷିପୁରା ବ୍ଲକ ଅ'ର୍ଗତ ନବନିର୍ବାଚିତ ଜିଲ୍ଲାପରିଷଦ ସଭ୍ୟ, ସମତିସଭ୍ୟ ଓ ସରପଂଚ ବୃନ୍ଦ ନିଜ ନିଜର ବକ୍ତବ୍ୟ ରଖିଥିଲେ । ସର୍ବଶ୍ରୀ ଭ୍ରମରବର କୁଅଁର, କ୍ଷୀରୋଦ ବେହେରା, ରୋଗା ଓଝା, ଅଜୟ ପଲେଇ, ଆଶିତୋଷ କୁଅଁର, ଆଦି ଓଝା, ଟୁକୁନ ପଲେଇ, ଅମରେନ୍ଦ୍ର କୁଅଁର, କୁମାର ନାୟକ, ଟୁକୁ କୁଅଁର, ଚି ୁ ଓଝା, ମଙ୍ଗୁଳି ପଲେଇ, ଘନଶ୍ୟାମ ସାମଲ, ନିଖିଲ ସାହୁ, କୁଲୁ କୁଅଁର ପ୍ରମୁଖଙ୍କ ସହଯୋଗରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୧୦୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଓଡିଶା ମୋ ପରିବାର ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରକୁ ଜୀବନବିନ୍ଦୁ, କେନ୍ଦୁଝର ଜିଲ୍ଲା ସଂଯୋଜକ ପ୍ରଦୀପ ସାହୁ ପରିଚାଳନା କରିଥିବା ବେଳେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ଏବଂ ସାଇଁକୂଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀ ମାନେ ସ୍ୱେଚ୍ଛାସେବୀଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ ।

# ମା'ଚର୍ଚ୍ଚିକାଙ୍କ ପୀଠରେ ଚୈତ୍ରପୂର୍ଣ୍ଣିମା ପର୍ବ



ବାଙ୍କୀ (ପିଏନ୍)-ଓଡ଼ିଶାର ଅନ୍ୟତମ ଶକ୍ତିପୀଠ ଦେବୀ ଚର୍ଚ୍ଚିକାଙ୍କ ପ୍ରସିଦ୍ଧ ପର୍ବ ମହାବିଷୁବ ପଣାଯାତ୍ରା ପୂର୍ବ ପରମ୍ପରା ଓ ବିଧିବିଧାନ ଅନୁଯାୟୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଚୈତ୍ର ପୂର୍ଣ୍ଣିମା ଅବସରରେ ମା'ଙ୍କ ପୀଠର କାଳେସୀଙ୍କ ଏକ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହେବା ପରେ ମନ୍ଦିରର ସେବାୟତମାନେ ମା'ଚର୍ଚ୍ଚିକାଙ୍କ ମୁଖ୍ୟ ଫାଟକେ ସମ୍ମୁଖରେ ମା'ଙ୍କ ରୀତିନୀତିକୁ ସୂଚାରୁ ରୂପେ ସମାପନ କରିଥିବା ଦେଖିବାକୁ ମିଳିଛି। ମା'ଙ୍କର ଚୈତ୍ରପୂର୍ଣ୍ଣିମା ପର୍ବ ମା'ଙ୍କ ମଧାହ୍ନ ବେଶକୁ ଦର୍ଶନ କରିବା ପାଇଁ ବହୁ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା।




# ସଂରକ୍ଷିତ ଜଙ୍ଗଲରୁ ଟ୍ରାକ୍ଟର ଜବତ୍ କରି ବନବିଭାଗ ଛାଡିଦେଲା

କେନ୍ଦୁଝର(ପିଏନ)- କେନ୍ଦୁଝର ସଦର ରେଞ୍ଜ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଭାଲଘର ନାଳରୁ ବେଆଇନଭାବେ ବାଲି ଲୋଡ କରୁଥିବା ଏକ ଟ୍ରାକ୍ଟରକୁ ବନ ବିଭାଗ ଜବତ୍ କରି ପରେ ଛାଡି ଦେବା ଚର୍ଚ୍ଚାର ବିଷୟ ହୋଇଛି । ଟାଉନ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ଭାଲୁଘର ନାଳରୁ ଗୁରୁବାର ଅପରାହ୍ନରେ ବାଲି ଚୋରୀ ହେଉଥିବା ଖବର ପାଇ ସଦର ରେଞ୍ଜର ଅରବିନ୍ଦ ନାୟକ, ଟାଉନ ଫରେଷ୍ଟର ଭୂପତି ସେଠୀ, ବେଲଦା ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ ଅନ୍ୟ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ବାଲି ବୋଝେଇ ଟ୍ରାକ୍ଟର ଗାଡି ଜବତ୍ କରିଥିଲେ । ପରେ ଜବତ୍ ଟ୍ରାକ୍ଟରକୁ ନରଣପୁର ଫରେଷ୍ଟ ଡିପୋରେ ରଖାଯାଇଥିଲା । ତେବେ ଶନିବାର ଦିନ ଭୋର ସମୟରେ ବନ କର୍ମଚାରୀ ଏବଂ ମାଫିଆ ମଧ୍ୟରେ ମୂଲଚାଲ ହେବା ପରେ ଉକ୍ତ ଗାଡିକୁ ଛାଡି ଦିଆଯାଇଥିବା ଅଭିଯୋଗ ହୋଇଛି । ନରଣପୁର ଫରେଷ୍ଟ ଡିପୋ ଭିତରେ ଥିବା ଟ୍ରାକ୍ଟର ଜବତ୍ ସମୟରେ ରେଜିଷ୍ଟ୍ରର ରେ ଲେଖା ଯାଇନଥିବାବେଳେ ସିଜର ଲିଷ୍ଟ କରାଯାଇନାହିଁ । ତେବେ ବିନା ଜିମାନାମରେ ଗାଡି କିପରି ଛଡା କିପରି ଛଡାଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ଏସିଏଫ ଘନଶ୍ୟାମ ମହାନ୍ତଙ୍କ ସହ ଯୋଗଯୋଗ କରିବାରୁ ଗାଡି ଜବତ୍ ସମୟରେ ମୋତେ ଅବଗତ କରିନଥିବା କହିଛନ୍ତି । ଡିଏଫଓ ସ୍ୱୟମ ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ । ସଦର ରେଞ୍ଜର ଅରବିନ୍ଦ ନାୟକଙ୍କ ସହ ଯୋଗଯୋଗ କରିବାରୁ ଜବତ୍ ଗାଡିର କାଗଜପତ୍ର ଯାଂଚ ପରେ ଛାଡି ଦିଆଯାଇଥିବା ପ୍ରକାଶ କରିଛନ୍ତି । ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଏବଂ ମଇଦାନକେଲ, ରଘୁନାଥପୁର ଏବଂ ନରଣପୁର ସଂରକ୍ଷିତ ଜଙ୍ଗଲରୁ ଲଘୁ ଖଣିଜ ସମ୍ପଦ ଅବାଧରେ ଚୋରୀ ହେଉଥିଲେ ହେଁ ବନ ବିଭାଗ ଜାଣି ଚୁପ ରହୁଥିବା ଅଭିଯୋଗ ହୋଇଛି । ସଂରକ୍ଷିତ ଜଙ୍ଗଲ ଭିତରେ ରାସ୍ତା କରି ମାଫିଆମାନେ ଜଙ୍ଗଲ ଧ୍ୱଂସ କରି ବାଲି, ପଥର, ମୋରମ ଚୋରୀ କରୁଥିବାବେଳେ ବନ ବିଭାଗ ନୀରବଦ୍ରଷ୍ଟା ରହୁଛି । ଏପରିକି ଉପରସ୍ଥ ଅଧିକାରୀ ନିୟମିତ ସଂରକ୍ଷିତ ଜଙ୍ଗଲ ପରିଦର୍ଶନରେ ଯାଉନଥିବାରୁ ଏହାର ସୁଯୋଗରେ ତଳତଳିଆ କର୍ମଚାରୀ ମାଫିଆଙ୍କ ସଲାସୁତୁରାରେ ଲଘୁ ଖଣିଜ ସମ୍ପଦ ଲୁଟ କାର୍ଯ୍ୟକୁ ପ୍ରୋତ୍ସାହନ କରୁଛନ୍ତି ।

# ଅଧାପନ୍ତରିଆ ସ୍ୱିରେଜ୍ ପ୍ଲାଣ୍ଟ ପ୍ରକଳ୍ପ ହସ୍ତାନ୍ତରକୁ କଂଗ୍ରେସର ବିରୋଧ

ରାଉରକେଲା (ପିଏନ୍): ଗତ ୫ ବର୍ଷରୁ ଅଧିକ ସମୟ ଧରି ରାଉରକେଲା ମହାନଗର ନିଗମ ଅ ଳରେ ଚାଲିଥିବା ସ୍ୱିରେଜ୍ ପ୍ଲାଣ୍ଟ ପ୍ରକଳ୍ପ ନିର୍ମାଣ ଚାଲିଛି ଯେ ସରିବାର ନାଁ ଧରୁନାହିଁ । ଯଦିଓ ପ୍ରାୟ ଗତ ବର୍ଷକ ତଳେ ଏହି ଅଧୁରା ପ୍ରକଳ୍ପକୁ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା ତଥାପି ଅଦ୍ୟାବଧି ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ନାହିଁ । ଅପରପକ୍ଷରେ ଏହି ପ୍ରକଳ୍ପର ଠିକା ନେଇଥିବା ଏଲ୍ଆଣ୍ଡଟି କମ୍ପାନୀ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲା କହି ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବା ପାଇଁ ଆବଶ୍ୟକୀୟ କାଗଜପତ୍ର ପ୍ରସ୍ତୁତ କରିଥିବା ବେଳେ ସ୍ୱିରେଜ୍ ବୋର୍ଡ କର୍ତ୍ତୃପକ୍ଷ ମଧ୍ୟ ଉକ୍ତ ପ୍ରକଳ୍ପର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଏଲ୍ଆଣ୍ଡଟି କମ୍ପାନୀର ଅପରେସନ ଓ ମେଣ୍ଟେନାନ୍ସ ୱିଙ୍ଗକୁ ହସ୍ତାନ୍ତର ପାଇଁ ଆବଶ୍ୟକ ପ୍ରସ୍ତୁତି ଚଳାଇଛି ବୋଲି ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାନସଭା ପ୍ରାର୍ଥୀ ବିରେନ ସେନାପତି ଅଭିଯୋଗ କରିଛନ୍ତି । ଶ୍ରୀ ସେନାପତି କହିଛଂି ଯେ, ପ୍ରାୟ ସାଢେ ୩୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଗତ ୨୦୧୭ ମସିହାରେ ଆରମ୍ଭ କରାଯାଇଥିବା ଏହି ସ୍ୱରେଜ୍ ପ୍ରକଳ୍ପର ଅଦ୍ୟାବଧି ୩ଟି ପମ୍ପିଂ ହାଉସ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ । ଯେଉଁ ଗୋଟିଏ ପମ୍ପିଂ ହାଉସର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି, ସେଥିରେ ଲାଗିଥିବା ୮ଟି ମୋଟର ମଧ୍ୟରୁ ମାତ୍ର ଗୋଟିଏ ମୋଟର ଚାଲୁଛି । ରାଉରକେଲା ମ୍ୟୁନିସିପାଲ କଲେଜ ପାଖ, ଟିସ୍କୋ ଓ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ ଦୁର୍ଗାପୁର ପାହାଡ ପାଖ ପମ୍ପିଂ ହାଉସ୍ କାର୍ଯ୍ୟକ୍ଷମ ହେଲେ ଏହି ୩ଟି ପମ୍ପିଂ ହାଉସର ମଇଳା ଜଳ ପାନପୋଷ ସରକାରୀ ମହାବିଦ୍ୟାଳୟ ନିକଟରେ ଥିବା ମୁଖ୍ୟ ପମ୍ପିଂ ହାଉସରେ ପହ ୍ବ । ତେବେ ଏହି ୩ଟି ପମ୍ପିଂ ହାଉସର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଣି କମିଶନିଂ ହୋଇନଥିବା ବେଳେ କିପରି ସେଗୁଡିକୁ ହସ୍ତା'ର କରିବା ପାଇଁ ଆବଶ୍ୟକୀୟ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଶ୍ରୀ ସେନାପତି ସ୍ୱରେଜ୍ ବୋର୍ଡର କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ କରିଛଂି । ଗତକାଲି ଶ୍ରୀ ସେନାପତିଙ୍କ ସହିତ କଂଗ୍ରେସର ଏକ ଟିମ୍ ସ୍ୱରେଜ୍ ବୋର୍ଡର ସ୍ଥାନୀୟ ପ୍ରକଳ୍ପ ଯନ୍ତ୍ରୀଙ୍କୁ ସାକ୍ଷାତ କରି ଏହି ହସ୍ତା'ର ପ୍ରକ୍ରିୟାକୁ ବିରୋଧ କରିବା ସହିତ ବିଭିନ୍ନ ଅ ଳରେ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇନଥିବା ପାଇପ୍ ବିଛା କାର୍ଯ୍ୟ ଓ ରାସ୍ତା ନିର୍ମାଣ କାର୍ଯ୍ୟକୁ ତୁର' ସମ୍ପୂର୍ଣ୍ଣ କରିବାକୁ ଦାବି କରିଥିଲେ । ଜେଲ୍ ରୋଡ୍, ବାସ'୍ର ପାଣି ଟାଙ୍କି ରୋଡ୍, ପାନପୋଷ ବସ୍ତି ରୋଡ୍, ବାଲୁଘାଟ ପଲପଲ ବସ୍ତି ରୋଡ୍ ଇତ୍ୟାଦି ଅନେକ ସ୍ଥାନରେ ଅଦ୍ୟାବଧି ରାସ୍ତା ନିର୍ମାଣ ହୋଇନଥିବା ବେଳେ ଅନକେ ସ୍ଥାନରେ ନିର୍ମିତ ରାସ୍ତା ଦବିଯାଉଥିବାରୁ ସେସବୁର ଆବଶ୍ୟକୀୟ ନିର୍ମାଣ ପାଇଁ ଦାବି କରିଥିଲେ । ବର୍ତ୍ତମାନ ସୁଦ୍ଧା କେବଳ ୭/୮ ଅ ଳର କିଛି ଘରକୁ ସ୍ୱରେଜ୍ ପାଇପ୍ ଲାଇନ ସହିତ ସଂଯୋଗ କରାଯାଇଥିବା ବେଳେ ସହରର ଅନ୍ୟ ଅ ଳରେ କୌଣସି ଗୋଟିଏ ହେଲେ ଘରକୁ ସ୍ୱରେଜ୍ ପାଇପ୍ ଲାଇନ୍ ସହିତ ସଂଯୋଗ କରାଯାଇ ନାହିଁ । କୋଏଲ ବ୍ୟାଙ୍କ ଭଳି ଅ ଳରେ ଚାମ୍ବର ନିର୍ମାଣ ପାଇଁ ରାସ୍ତା ମଝିରେ ଗାଡା ଖୋଳି ଛାଡି ଦିଆଯାଇଛି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏ ପର୍ଯ୍ୟ' ମେନ୍ ହୋଲ ଚାମ୍ବର ଗୁଡିକୁ ରାସ୍ତା ସହିତ ସମତଳ କରାଯାଉ ନାହିଁ । ଛେଣ୍ଡର ବ୍ୟାଙ୍କ କଲୋନୀ ଓ ବାଗୁଡି ବସ୍ତିରେ ଅଳ୍ପ କିଛି ପାଇପ୍ ବିଛା କାର୍ଯ୍ୟ ହୋଇଥିବା ବେଳେ ଏ ପର୍ଯ୍ୟ' ତାହାକୁ ଛେଣ୍ଡର ମୁଖ୍ୟ ପାଇପ୍ ଲାଇନ୍ ସହିତ ସଂଯୋଗ କରାଯାଇ ନାହିଁ ।

# ଖଣିରେ ସ୍ଥାନୀୟ ନିଯୁକ୍ତି ନେଇ ଶ୍ରମିକଙ୍କ ଧରଣା





ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅନ୍ତର୍ଗତ ବଳଦା ଗ୍ରାମପ ାୟତର ସିଲ୍ଯୋଡା ସ୍ଥିତ କାସଭି ଇନ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ ଖଣିରେ ବିଭିନ୍ନ ଦାବି କରି ଗ୍ରାମବାସୀ ମାନେ ମଙ୍ଗଳବାର ପୂର୍ବାହ୍ନ ରେ ଖଣି ଲିଜ ପରିସରରେ ଧାରଣା ଦେଇଥିବା ଜଣାପଡିଛି । ବିର୍ସାମୁଣ୍ଡା ଲେବର କନ୍ଟ୍ରାକ୍ଟ ଓ ଆଦିବାସୀ କଲ୍ୟାଣ ସମିତି ପକ୍ଷରୁ ଏହି ଧାରଣା ଦିଆଯାଇଥିବା ଖବର ମିଳିଛି । ପ୍ରଶାସନକୁ ଜଣାଇ କୋଭିଡ୍ ନିୟମକୁ ପାଳନ କରି ଖଣି ପ୍ରଭାବିତ ସିଲଯୋଡା, ଗୁରୁଡା, ତାଟପାଣି ପ୍ରଭୃତି ଗ୍ରାମର ଗ୍ରାମବାସୀ ମାନେ ବିଭିନ୍ନ ଦାବି କରି କାସଭି ଖଣି ପରିସରରେ ଧାରଣାରେ ବସିଛନ୍ତି । ପୂର୍ବରୁ ଏହି ଖଣିଟି ମାଙ୍ଗିଲାଲ ରୁଙ୍ଗଟାର ସିଲିଯୋଡା କାଳିମାଟି ଅଧୀନରେ ଥିଲା । ନିଲାମ ପ୍ରକ୍ରିୟାରେ ଅଧିକ ମୂଲ୍ୟ ଦେଇ କାସଭି ଇନଟରନ୍ୟାସନାଲ ପ୍ରାଇଭେଟ ଲିମିଟେଡ ଖଣି ହାତେଇବା ପରେ ପୂର୍ବରୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କୁ ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଇନଥିବାରୁ ଗ୍ରାମବାସୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଯୋଗ୍ୟତା ଥାଇ ମଧ ସ୍ଥାନୀୟ ଲୋକଙ୍କୁ ସାମାନ୍ୟ ସୁରକ୍ଷା କର୍ମୀ ଚାକିରୀ ମଧ ଦିଆଯାଉନାହିଁ । ଏହି ଖଣିରେ ନିଯୁକ୍ତିକୁ କେନ୍ଦ୍ର କରି ଗତ ସେପ୍ଟେମ୍ବର ମାସ ୨୫ ତାରିଖରେ ଏକ ହିଂସାତ୍ମକ ଆକ୍ରମଣ ଘଟଣା ଘଟିଥିଲା । ଖଣିର ଖଣି ସପକ୍ଷ ବାଦୀ ମାନେ ଏହି ଆକ୍ରମଣ ଭିଆଇଥିବା ଗ୍ରାମବାସୀ ସୁଶାନ୍ତ ଖିଲାର, ସୁବିଦାର ଗାଗରାଇ, ଯୋସେ' ବେଙ୍ଗରା, ବିକାଶ ମହାକୁଡ ପ୍ରମୁଖ ଅଭିଯୋଗ କରିଛନ୍ତି । ସ୍ଥାନୀୟ ମହିଳା ମିନା କୁମାରୀ ସିଂ, ମୁସକୁନି ସଏ, ସରସ୍ୱତୀ ପିଙ୍ଗୁଆ, ସୁମିତ୍ରା ଗଇପାଇ, ସଙ୍ଗିତା ପିଙ୍ଗୁଆ, ଚାମାନୁ ଲାକ୍ରା, ଡାଳିମ୍ବ ଗାଗରାଇ, ରିଙ୍ଗି ହେମ୍ବ୍ରମ ପ୍ରମୁଖ ଲୁହ ଓ କୋହଭରା କଣ୍ଠରେ କହିଛନ୍ତି ଯେ ଦୀର୍ଘ ୬ ରୁ ୭ ମାସ ହେଲାଣି ଖଣିରେ ନିଯୁକ୍ତି ନପାଇ ଭୋକ ଉପାସରେ ଦିନ କାଟୁଛନ୍ତି । ସ୍ଥାନୀୟ କାସଭି ଖଣି କମ୍ପାନୀ ଶ୍ରମିକ ମାନଙ୍କୁ ପୁନଃ ନିଯୁକ୍ତି ଦେଉନଥିବାରୁ ବେରୋଜଗାର ନିରାଶ ହୋଇ ଘରେ ରହିଛନ୍ତି । ଖଣିରେ କାର୍ଯ୍ୟ କରି ଜିବୀକା ନିର୍ବାହ କରୁଥିବାରୁ ବ ର୍ମାନ କାର୍ଯ୍ୟହରା ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି । ଗ୍ରାମର ନରେନ୍ଦ୍ର କୁମାର ପାତ୍ର ତାଙ୍କ ଅଭିଯୋଗରେ କହିଛନ୍ତି ଯେ, ସିଲଯୋଡା-କାଳିମାଟି ମାଙ୍ଗାନିଜ୍ ଆଇରନ୍ ମାଇନ୍ସ ଦୁଇଟି ଗ୍ରାମପ ାୟତ ନାମରେ ହୋଇଅଛି । ହେଲେ ଏହି ଦୁଇଟି ପ ାୟତ ବାସୀଙ୍କୁ କୌଣସି ସୁବିଧା ସୁଯୋଗ ମିଳିପାରୁନାହିଁ । ଆଦିବାସୀ କଲ୍ୟାଣ ସମିତିର ସଭାପତି ବିଦ୍ୟାସାଗର ରଣା, ସମ୍ପାଦକ ଭିମ ପିଙ୍ଗୁଆ କହିଛନ୍ତି ଯେ ଜିଲ୍ଲାପାଳ ଓ ଏସ୍ପି ଙ୍କ ଠାରେ ଏ ସଂକ୍ରାନ୍ତରେ ଅଭିଯୋଗ କରାଯାଇଛି । ଜଙ୍ଗଲ ନେଲ, ଜମି ନେଲ, ପାଣି ନେଲ, ଆଦିବାସୀଙ୍କର ମୌଳିକ ସୁବିଧାରୁ କାସଭି ଖଣି କମ୍ପାନି ବ ୍ତ କଲ ଯଦି ଦମ୍ ନାହିଁ ତେବେ ସରକାରଙ୍କ ଠାରୁ ଖଣି ନେଲ କାହିଁକି ବୋଲି ଆଦିବାସୀ ନେତା ସେଲେଇ ତିରିଆ ପ୍ରକାଶ କରିଥିଲେ । ସେଠାରେ ଉପସ୍ଥିତ ଥିବା ଆଦିବାସୀ ଶ୍ରମିକ ନେତା ମାନେ କହିଥିଲେ ଯେ ଦାବି ପୂରଣ ନହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ।

# ମାନବାହି ଟ୍ରେନ୍ ଧକ୍କାରେ ରେଲ୍ୱେ କର୍ମଚାରୀଙ୍କ ମୃତ୍ୟୁ



ଘଟଗାଁ, (ପିଏନ)- କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅଧିନସ୍ଥ ସିତାବିଞ୍ଜ ଏବଂ ନିଳକଣ୍ଠେଶ୍ୱର ରେଲ୍ୱେ ମଧବର୍ତି ଏକ ସ୍ଥାନରୁ ରେଳ ଧାରଣ ଉପରୁ ଜଣେ ରେଲ୍ୱେ କର୍ମଚାରୀଙ୍କ ମୃତ ଦେହ ଉଦ୍ଧାର କରାଯାଇଛି । କର୍ମଚାରୀ ଜଣଙ୍କର ନାମ ସାନ୍ତୁନୁ ଦାସ୍(୪୩) ସେ ଆଜି ସକାଳେ ସେକ୍ସନ ଇନିସ୍ପେକ୍ସନ କରୁଥିବା ବେଳେ ଅନ୍ୟମନସ୍କତା ଯୋଗୁଁ ଟ୍ରେନ୍ ଆସୁଥିବାର ଜାଣୀପାରି ନଥିଲେ । ଯାହାଫଳରେ ତାଙ୍କ ଉପରେ ମାଲ୍ବାହି ଟ୍ରେନ୍ ଧକ୍କା ଦେଇ ଚାଲିଯାଇଥିଲା । ତେବେ ଖବର ପାଇ ଢେଙ୍କିକୋଟ ଫାଣ୍ଡି ପୋଲିସ୍ ଏବଂ ରେଲ୍ୱେ କର୍ମଚାରୀ ପହଂଚି ଥିଲେ । ପୋଲିସ୍ ତଦନ୍ତି ଜାଣିବାକୁ ପାଇଲା ମୃତକ ଜଣଙ୍କ ହେଲେ କେନ୍ଦୁଝରର ପୁରୁଣା ବଜାରର ସାନ୍ତୁନୁ ଦାସ୍ । ସଙ୍ଗେ ସଙ୍ଗେ ମୃତକଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲେ । ମୃତକ ପରିବାର ଆସି ସାନ୍ତୁନୁଙ୍କ ଶରୀର ଚିହ୍ନିବା ପରେ ଢେଙ୍କିକୋଟ୍ ଫାଣ୍ଡି ପୋଲିସ୍ ଶବଟିକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ତଦନ୍ତ ଚଳାଇଥିବା ଜଣାପଡିଛି ।

## ଅଜଣା ଗାଡି ଧକ୍କାରେ ଜଣେ ମୃତ, ୨ ଗୁରୁତର

ହରିଚନ୍ଦନପୁର(ପିଏନ)- ହରିଚନ୍ଦନପୁର ଥାନା ଅନ୍ତର୍ଗତ ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମୃତ ହୋଇଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି ଏବଂ ଜଣେ ସାମାନ୍ୟ ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଯାଜୁପୁର ଜିଲ୍ଲା କାଳିଆପାଣି ଗ୍ରାମର ସୁଦର୍ଶନ ମହାକୁଡ(୩୮) ସ୍ତ୍ରୀ ଓ ୨ପିଲାଙ୍କ ସହ ମୟୁରଭଞ୍ଜ ଜିଲ୍ଲା ଶ୍ୱଶୁର ଘରକୁ ବୁଲିବାକୁ ଆସିଥିଲେ । ଆଜି ନିଜ ଗ୍ରାମ କାଳିଆପାଣିକୁ ଫେରୁଥିବା ବେଳେ ହରିଚନ୍ଦନପୁର ଥାନା ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସୁଦର୍ଶନ ମହାକୁଡଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ସ୍ତ୍ରୀ ରାଇମଣି ମହାକୁଡ (୩୬), ସାନପୁଅ ଚିନ୍ମୟ (୬) ଗୁରୁତର ଆହତ ହୋଇଥିବା ବେଳେ ବଡପୁଅ ରାହୁଲ (୮) ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ଆହତ ମାନଙ୍କୁ ଆମ୍ବୁଲାନ୍ସ ଯୋଗେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭ ର୍ି କରାଯାଇଥିଲା

## ଦରଡିପାଳରେ ଶତାୟୁ ମହିଳାଙ୍କ ପରଲୋକ

ଘଷିପୁରା(ପିଏନ)- ଘଷିପୁରା ବ୍ଲକ ଦରଡିପାଳ ଗ୍ରାମରେ ସ୍ୱର୍ଗତ ନରସିହଂ ନାୟକଙ୍କ ଧର୍ମପତ୍ନୀ କ୍ଷେତ୍ରମଣୀ ନାୟକଙ୍କ ଆଜି ୧୦୫ ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ଦୁଇପୁଅ ଆନନ୍ଦ ଚନ୍ଦ୍ର ନାୟକ ଅବସରପ୍ରାପ୍ତ କୃଷି ପରିଦର୍ଶକ ଏବଂ ଦିବାକର ନାୟକ ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜରଙ୍କ ସହିତ ସମସ୍ତ ନାତି ନାତୁଣୀ, ଅଣନାତି, ଅଣନାତୁଣୀ ଏବଂ ସାହିପଡିଶା ଉପସ୍ଥିତ ଥିବା ସହ ତାଙ୍କର ଶବ ସତ୍କାର କରାଯାଇଥିଲା । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ ।

# ଯୋଡା ପୌରା ଳରେ ସେପ୍ଟେଜ ବିଶୋଧନାଗାରର ଭି ି ପ୍ରସ୍ତର ସ୍ଥାପନ



ଯୋଡା(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରା ଳର ୬ନଂ ୱାର୍ଡ ବାଚୁହାଟିଂ ଠାରେ ପୌରପାଳିକା ପକ୍ଷରୁ ୨୦କେଏଲଡି କ୍ଷମତା ବିଶିଷ୍ଟ ଏକ ସେପ୍ଟେଜ ଟ୍ରିଟମେ ପ୍ଲା ର ଶୁଭ ଭି ି ପ୍ରସ୍ତର ସ୍ଥାପନ କରାଯାଇଛି । ଏହି ଟ୍ରିଟମେ ପ୍ଲା ଯୋଡା ସହରର ସମସ୍ତ ଘରର ସେପ୍ଟି ଟ୍ୟାଙ୍କରୁ ନିଷ୍କାସିତ ମଇଳାକୁ ବିଶୋଧନ କରାଯାଇ ସ୍ୱଚ୍ଛ ଓ ସୁନ୍ଦର ପରିବେଶ ସୃଷ୍ଟି କରିବା ନିମନ୍ତେ ପୌରପାଳିକା ପକ୍ଷରୁ ଏହା କରାଯାଇଛି । ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ରାଜ୍ୟ ଜଳଯୋଗାଣ ବିଭାଗ ଏବଂ ସ୍ୱରେଜ ବୋର୍ଡ ଆନୁକୂଲ୍ୟରେ ଓଡିଶା କନଷ୍ଟ୍ରକସନ କମ୍ପାନୀ (ଓସିସି)କୁ ଟେଣ୍ଡର ମାଧ୍ୟମରେ ୨ କୋଟି ୬୪ ଲକ୍ଷ ୧୭ ହଜାର ଟଙ୍କା ବ୍ୟୟ ଅଟକଳରେ ୧୧ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଛି । ଏହି ଭି ି ପ୍ରସ୍ତର ସ୍ଥାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ନଗର ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ ଯୋଗଦେଇ ଭି ି ପ୍ରସ୍ତର ସ୍ଥାପନ କରିଥିଲେ । ଏହି ପ୍ରକଳ୍ପ ହେବା ଦ୍ୱାରା ପୌରା ଳର ସମସ୍ତ ୱାର୍ଡରେ ସେପ୍ଟି ଟାଙ୍କିର ମଇଳା ବିଶୋଧନ ହେବା ସହିତ ମାନ୍ୟବର ସର୍ବୋଚ୍ଚ ଅଦାଲତ ଓ ଜାତୀୟ ସବୁଜ ଟ୍ରିବ୍ୟୁନାଲଙ୍କ ଆଦେଶ ପାଳନ ହୋଇପାରିବ ବୋଲି ଯୋଡା ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ ପ୍ରକାଶ କରିଥିଲେ । ଏହି ଭି ି ପ୍ରସ୍ତର ସ୍ଥାପନ ଉତ୍ସବରେ ଯୋଡା ପୌରପାଳିକାର ସମସ୍ତ ଅଧିକାରୀ, କର୍ମଚାରୀ, ସ୍ୱଚ୍ଛସାଥୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୂମିହୀନଙ୍କୁ ଜାଗା ପ୍ରମାଣ ପତ୍ର ପ୍ରଦାନ



ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକାରେ ଜାଗାମିଶନ ଯୋଜନାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ପୂର୍ବାହ୍ନରେ ଓଡିଶା ସରକାରଙ୍କ ଜାଗା ମିଶନ୍ ଯୋଜନା ଶ୍ରେଣୀରେ ଅନ୍ତର୍ଭୁକ୍ତ ହିତାଧିକାରୀ ମାନଙ୍କୁ ଏହି ଅବସରରେ ଜମି ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଯୋଗ ଦେଇଥିବା ବେଳେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ, ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର, ପୂର୍ବତନ ଉପ-ନଗରପାଳ ସୁରେନ୍ଦ୍ରନାଥ ଜେନା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଯୋଡା ପୌରପାଳିକାର ୧୪ଟି ୱାର୍ଡରେ ସମୁଦାୟ ୬୨୧୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ମଙ୍ଗଳବାର ଦିନ ତନ୍ମଧ୍ୟରୁ ବନେଇକଳା ଠାରେ ୧୭୫ ଜଣଙ୍କୁ ଭୂମିହୀନଙ୍କୁ ଜାଗା ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ନିର୍ବାହୀ ଅଧିକାରୀ ଶ୍ରୀ ପାଟଯୋଶୀ ସୂଚନା ଦେଇଛନ୍ତି । ଏହି ଜମି ଗୁଡିକ ୩୨୩ ବର୍ଗ'ଫୁଟ୍ରୁ ସର୍ବାଧିକ ୪୮୦ ବର୍ଗଫୁଟ୍ ମଧ୍ୟରେ ଯୋଗାଇ ଦିଆଯିବ । ପରେ ଜାଗା ପ୍ରମାଣ ପତ୍ର ଦେବା ପରେ ଭୂମି ଅଧିକାର ପତ୍ର ଓ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ଯୋଗାଇ ଦେବାର ସରକାରୀ ଯୋଜନା ରହିଥିବା ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ ।

# ଡମ୍ପର ମାଲିକଙ୍କ ଧାରଣା ପ ମ ଦିନରେ : ଉପଯୁକ୍ତ ସମାଧାନ ନକରିଲେ ଆଗାମୀ ଦିନରେ ବିକଳ୍ପ ପନ୍ଥାର ଚେତାବନୀ



ଯୋଡା,(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅଧୀନ ହେଁସାବେଡା ସ୍ଥିତ କାସଭି ଇ ରନେସନାଲ ପ୍ରାଇଭେଟ ଲିମିଟେଡ ଖଣି କମ୍ପାନୀ ଟ୍ରକ ମାଲିକ ସଂଘର ଦାବିକୁ ଉପେକ୍ଷା କରି ନିଜର ଖଣିକାର୍ଯ୍ୟ ଜାରି ରଖିଛି । ଖଣି ଲିଜ୍ ପରିସରରେ କାର୍ଯ୍ୟହରା ଡମ୍ପର ମାଲିକ ମାନେ ଖଣିର ପରିବହନ କାର୍ଯ୍ୟରେ ଡମ୍ପର ନିୟୋଜିତ କରିବା ଦାବିରେ ଦୀର୍ଘ ୫ ଦିନ ଧରି ଧାରଣାରେ ବସିଥିଲେ ହେଁ ଖଣି କ ୃପକ୍ଷନଦେଖିଲା ଭଳି ଉପେକ୍ଷା କରିଚାଲିଛି । ନୂତନ ଲିଜ ପାଇଥିବା କାସଭି ଇ ରନେସନାଲ ପ୍ରାଇଭେଟ ଲିମିଟେଡ ନିଜର ଖଣିଜ ପରିବହନ ପାଇଁ ବାହାର ଅ ଳର ଭାରୀଯାନ ଆଣି ପରିବହନ କରୁଥିବା ବେଳେ ସ୍ଥାନୀୟ ସଂଘର ଡମ୍ପରକୁ ପରିବହନ କାର୍ଯ୍ୟ ଦେଉନାହିଁ । ଏନେଇ ସଂଘ ପକ୍ଷରୁ ଖଣି କ ୃପକ୍ଷଙ୍କୁ ବାରମ୍ବାର ଲିଖିତ ଭାବରେ ଦୃଷ୍ଟି ଆକର୍ଷଣ କରି କୌଣସି ସୁଫଳ ନପାଇବାରୁ ଗତ ୫ ତାରିଖରୁ ଧାରଣା ଆରମ୍ଭ କରିଥିଲେ । ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ସଂଘ ସ୍ଥାନୀୟ ଖଣି ପ୍ରଭାବିତ ଅ ଳର ଡମ୍ପର ମାଲିକ ମାନଙ୍କୁ ନେଇ କାର୍ଯ୍ୟ କରି ଆସୁଅଛି । ପୂର୍ବରୁ କାର୍ଯ୍ୟ କରୁଥିବା ଖଣି ଲିଜଧାରୀ ମାନେ ନିଜର ପରିବହନ କାର୍ଯ୍ୟ ପାଇଁ ସଂଘରୁ ଡମ୍ପର ନେଇ ପରିବହନ କରୁଥିଲେ । ଯାହାଫଳରେ ପରୋକ୍ଷ ଏବଂ ପ୍ରତ୍ୟେକ୍ଷ ଭାବରେ ହଜାର ହଜାର ଲୋକ ଜିବୀକା ନିର୍ବାହ କରି ପାରୁଥିଲେ । ଉକ୍ତ ଖଣିର ପୂର୍ବ ଲିଜଧାରୀ ପଟ୍ଟନାୟକ ମିନେରାଲସ ପ୍ରାଇଭେଟ ଲିମିଟେଡ ଖଣିଜ ପରିବହନରେ ସ୍ଥାନୀୟ ସଂଘର ଡମ୍ପରକୁ ପରିବହନରେ ନିୟୋଜିତ କରୁଥିଲେ । ମାତ୍ର ବ ର୍ମାନ ନୂତନଲିଜଧାରୀ କାସଭି ଖଣି ସଂଘକୁ ହେୟଜ୍ଞାନ କରି ବାହାର ଅ ଳର ଶତାଧିକ ଭାରୀଯାନ ଆଣି ପରିବହନ କାର୍ଯ୍ୟ କରୁଛି । ଯାହାଫଳରେ ଅ ଳର ଖଣି ପ୍ରଭାବିତ ଗାଡି ମାଲିକ ମାନେ ଜିବୀକା ହରାଇ ହତାଶ ହୋଇପଡିଛନ୍ତି ବୋଲି ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନର ସଭାପତି ଚତୁର୍ଭୁଜ ପଲେଇ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ବାରମ୍ବାର ଖଣି କ ୃପକ୍ଷଙ୍କୁ ଜଣାଇବା ସ ୍ୱ ମଧ କେହି କର୍ଣ୍ଣପାତ କରୁନାହାଁନ୍ତି । ଡମ୍ପର ମାଲିକ ମାନେ କାର୍ଯ୍ୟ ନପାଇ ବସି ରହିଛନ୍ତି । ସେମାନଙ୍କର ପରିବାର ପ୍ରତିପୋଷଣ କରିବା ମଧ କଷ୍ଟସାଧ ହେଲାଣି । କରୋନା ମହାମାରୀ ପରିସ୍ଥିତିରେ କୌଣସି କାର୍ଯ୍ୟ ନପାଇ ଡମ୍ପରରେ କାର୍ଯ୍ୟ କରୁଥିବା ଡ୍ରାଇଭର, ହେଲପର ଓ ସେମାନଙ୍କର ପରିବାର ବ ର୍ମାନ ଆର୍ଥିକ ସଂକଟରେ ଶିକାର ହେଲେଣି । ପରିବହନ କାର୍ଯ୍ୟ ହେତୁ ଅ ଳରେ ପ୍ରତ୍ୟେକ୍ଷ ଏବଂ ପରୋକ୍ଷରେ ନିର୍ଭରଶୀଳ ଥିବା ପ୍ରାୟ ଶତକଡା ୮୦ ପ୍ରତିଶତ ଲୋକ ପ୍ରଭାବିତ ହେଲେଣି । କୋଭିଡ-୧୯ ଗାଇଡ ଲାଇନ ରହିଥିବା ସ ୍ୱ ମଧ ଗାଡି ମାଲିକମାନେ ଏହି ନିୟମକୁ ପାଳନ କରି ଧାରଣାରେ ବସିଛନ୍ତି । ହେଲେ ଖଣି କ ୃପକ୍ଷ ୫ଦିନ ବିତିଯାଇଥିଲେ ହେଁ ଦାବି ପୂରଣ ନେଇ କୌଣସି ଆଲୋଚନା କରିବାକୁ ଆସିନଥିବା ବୋଲି ମାଟୋଆ ସମ୍ପାଦକ ସତ୍ୟପ୍ରିୟ ବାରିକ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଯଦି ଖଣି କ ୃପକ୍ଷ ଏହାର ଉପଯୁକ୍ତ ସମାଧାନ ନକରନ୍ତି ତାହା ହେଲେ ଆଗାମୀ ଦିନରେ ବିକଳ୍ପପନ୍ଥା ଗ୍ରହଣ କରିବାକୁ ବଧ ହେବୁ ବୋଲି ପ୍ରେସ ବିବୃ ିରେ ଜଣାଇଛନ୍ତି । ତେଣେ କାସଭି ଖଣିର ଜନୈକ ବରିଷ୍ଠ ଅଧିକାରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ କାସଭି ଖଣି ନିକଟସ୍ଥ ଜୁରୁଡି ଠାରେ ଥିବା ଜୁରୁଡି ଟ୍ରକ ମାଲିକ ମାନଙ୍କ ସହ ସେମାନେ ଆଲୋଚନା କରି ହାଇୱା ଟ୍ରକ ମାଧ୍ୟମରେ ଖଣିଜ ପରିବହନ କାର୍ଯ୍ୟ କରୁଛନ୍ତି । ଏନେଇ ଯୋଡା ଠାରେ ଥିବା ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନ ସହ କୌଣସି ଆଲୋଚନା କରିବା ଆବଶ୍ୟକତା ନାହିଁ ବୋଲି ସେ କହିଥିଲେ ।




# ଦୁର୍ନୀତି, ହିଂସା ଓ ଧ୍ୱଂସ ମୁଖରୁ ସୁରକ୍ଷାର ମାର୍ଗ

ଆଜିର ସୂଚନାପ୍ରଯୁକ୍ତି ଯୁଗରେ ମଣିଷ ଅସମ୍ଭବକୁ ସମ୍ଭବ କରିପାରୁଛି। ମହାଶୂନ୍ୟରେ ବିଚରଣ କରୁଛି। ସୁନିତା ଉଇଲିଅମ୍ସ୍ ପରି ମାସ ମାସ ଧରି ଅବସ୍ଥାନ ବି କରିପାରୁଛି। ଚନ୍ଦ୍ରରେ ତ କେବେଠୁ ପହଞ୍ଚି ସାରିଲାଣି। କିନ୍ତୁ ଘୋର ଦୁଃଖ ଓ ପରିତାପର ବିଷୟ ନିଜ ହୃଦୟ ପାଖରେ, ନିକଟତମ ଆତ୍ମୀୟର ହୃଦୟ ପାଖରେ ସେ ପହଞ୍ଚି ପାରୁନାହିଁ। ଘଣ୍ଟାକଣ୍ଟା, ମିନିଟ୍ ଦ୍ୱାରା ଅନ୍ତରୀକ୍ଷ ଯାନକୁ ନିୟନ୍ତ୍ରଣ କରୁଛି ସିନା, ନିଜ ମନକୁ ନିୟନ୍ତ୍ରଣ କରିପାରୁନାହିଁ। କ୍ରାନ୍ତିକାରୀ ବାହ୍ୟପ୍ରଗତି, ଏତେ ସୁଉଚ୍ଚ ହର୍ମ୍ୟମାଳା, ଏତେ ଆମୋଦପ୍ରମୋଦର ଚାକଚକ୍ୟ ଭରା ଆଧୁନିକ ସାମଗ୍ରୀ ସହ ବିଜ୍ଞାନର ସୁଦୂରପ୍ରସାରୀ ଜୟଯାତ୍ରା। କିନ୍ତୁ ମାନସିକ ଶାନ୍ତି ନାହିଁ, ନିର୍ମଳ ଆନନ୍ଦ ବି ନାହିଁ। ତ୍ୟାଗଭରା ସ୍ନେହମମତା ବି ନାହିଁ। ସର୍ବୋପରି ମାନବିକତା ବି ନାହିଁ। ସମାଜବାଦର ଏତେ ସ୍ଲୋଗାନ ଭିତରେ ମଣିଷ ଅଧିକରୁ ଅଧିକ ସ୍ୱାର୍ଥପର, ବ୍ୟକ୍ତିବାଦୀ ହୋଇଯାଉଛି। ବିଭିନ୍ନ ବାଦର ପ୍ରତିଷ୍ଠା ପାଇଁ ଏତେ ଯୁକ୍ତି ଦ୍ୱନ୍ଦ୍ୱ ହେଉଛି ହେଲେ ସମାଜରୁ କ୍ରମଶଃ ମାନବବାଦ ଓ ମାନବିକତା ହଜି ହଜି ଯାଉଛି। ଯେକୌଣସି ମୁହୂର୍ତ୍ତରେ ଅତି ଅପ୍ରତ୍ୟାଶିତ ଭାବରେ ଘର ଭିତରେ କର୍ମକ୍ଷେତ୍ରରେ ଲକ୍ଷ ଲକ୍ଷ ଲୋକଙ୍କ ଆଖି ସାମ୍ନାରେ ମଣିଷ ମଣିଷକୁ ହତ୍ୟା କରୁଛି। ନୃଶଂସ ଭାବେ ରକ୍ତର ହୋଲି ଖେଳୁଛି। ଇଏ ହେଉଛି ସେଇ ଅମୃତସ୍ୟ ପୁତ୍ରାଃ। ଦ୍ୱିତୀୟତଃ, ଭଗବତ୍ ବିଶ୍ୱାସ ବି ରଖୁଛି, ସ୍ୱୀକାର ବି କରୁଛି ଭଗବାନ୍ ସର୍ବନିୟନ୍ତା, ସର୍ବାନ୍ତର୍ଯ୍ୟାମୀ ଓ ସବୁଠି ବିଦ୍ୟମାନ, ହେଲେ ଷଡ଼ରିପୁରେ ଜର୍ଜରିତ ସେଇ ତଥାକଥିତ ଅମୃତର ସନ୍ତାନଟି ଆଜି ନିଜର ସ୍ଥାନ କେଉଁଠି ରଖିଛି ? ଏ ଯୁଗର ସାର୍ଟିଫିକେଟଧାରୀ ଟଙ୍କାର ପାହାଡ଼ ଉପରେ ବିଚରଣ କରୁଥିବା ଆଧୁନିକ ମଣିଷଟି ନାହିଁ ନଥିବା ଭୟ ଓ ଆତଙ୍କ ଭିତରେ ସମୟ କାଟୁଛି। ଛତୁ ଫୁଟିଲା ପରି ବିଦ୍ୟାଳୟ, ମହାବିଦ୍ୟାଳୟ, କେତେ ପ୍ରକାରର ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷାଯୋଜନା ଭିତରେ ସତରେ କେତେ ଅସୁରକ୍ଷିତ ଆମର ମଣିଷ ଜୀବନ ଟିକକ। ଶିକ୍ଷା ଉପହାସ କରୁଛି। ସାମାନ୍ୟ ଦ୍ୱନ୍ଦ୍ୱକୁ କେନ୍ଦ୍ରକରି ଅଗଠିତ, ଅସଂଯମୀ ମନ ନୃଶଂସ ହତ୍ୟାକାଣ୍ଡ ଘଟାଉଛି। ସାମାନ୍ୟ କେତୋଟି ଟଙ୍କା ଆଉ ବୋତଲେ ମଦରେ ଜଣେ ଅପରିଚିତ ଲୋକ ବି ଜଣଙ୍କ ଜୀବନ ନେଇପାରୁଛି। ଯେଉଁଠି ଜଣଙ୍କୁ ଜୀବନ ଦେବାର କ୍ଷମତା ବି ନାହିଁ। ବହୁ ଆଡ଼ମ୍ବର ରୂପ ସୌନ୍ଦର୍ଯ୍ୟରେ ସଜ୍ଜିତ ଚରିତ୍ରମାନେ ଆଜି ଅଶ୍ଳୀଳ ଭାବେ ପ୍ରଦର୍ଶିତ ହୋଇ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରି ଅନ୍ତରରେ ଯେଉଁ ତୃଷ୍ଣା, ଅତୃପ୍ତି, ଆଶନ୍ତି, ଜ୍ୱଳନ, ଛଳନା ଓ ସମସ୍ୟାକୁ ବଢ଼ାଇ ଚାଲିଛନ୍ତି, ସେଥିପାଇଁ ଦାୟୀ କିଏ ? ଏପରି ଅବସ୍ଥା ହୋଇଛି, ଧନ, ସମ୍ମାନ, ପ୍ରାଚୁର୍ଯ୍ୟ ଭିତରେ ବି ମଣିଷ ଟିକିଏ ଶୁଦ୍ଧ ତ୍ୟାଗଭରା ସ୍ନେହ ଓ ମାନସିକ ଶାନ୍ତି ପାଇଁ ହାହାକାର କରୁଛି। ଆତ୍ମହତ୍ୟା ସଂଖ୍ୟା ବଢ଼ି ଚାଲିଛି। ନିର୍ଯ୍ୟାତନାର ଘଟଣା ତ ଅତି ମାମୁଲି। ଖାଦ୍ୟ, ଔଷଧ, ସ୍ନେହ, ମମତା, ଭଦ୍ରତା, ସବୁ ଯେପରି ଭେଜାଲ। ଯାନ୍ତ୍ରିକ ଓ କୃତ୍ରିମ ସଭ୍ୟତା ସହ ମଣଷ ଯନ୍ତ୍ରପରି କାମ କରିଚାଲିଛି, କିନ୍ତୁ ବେଶୀ ହୃଦୟହୀନ, ବିଚାରଶୂନ୍ୟ, ମାନବିକତାଶୂନ୍ୟ ହୋଇପଡୁଛି। ପୁଣି ମଣିଷ ଯନ୍ତ୍ରଠାରୁ ବି ଅଧିକ ଭୟଙ୍କର ଓ କ୍ଷତିକାରୀ ହୋଇଉଠୁଛି। ତେବେ ପ୍ରଶ୍ନ ଉଠୁଛି, ଏ ସମାଜରେ ସୁପରିବର୍ତ୍ତନ କିପରି ହେବ ? ଲୋକମାନଙ୍କର ମନ, ରୁଚି, ବିଚାରଧାରା ଓ ବିଶ୍ୱାସର ପରିବର୍ତ୍ତନ ଓ ଉନ୍ନତି ଲୋଡ଼ା। ଏହା ସମ୍ଭବ ହୋଇପାରିବ ଶିକ୍ଷା, ସଂଗୀତ, କଳା, ଗଣମାଧ୍ୟମ କ୍ଷେତ୍ର ତଥା ଧର୍ମସଭା, ମାନବିକ ଚେତନା ଜାଗରଣ ସଭା ଓ ସର୍ବୋପରି ଜଣଙ୍କର ଦୃଢ଼ ଆତ୍ମବିଶ୍ୱାସ ଦ୍ୱାରା। ସମ୍ପ୍ରତି ଗବେଷକ, ବୁଦ୍ଧିଜୀବୀ ଓ ମନସ୍ତତ୍ତ୍ୱବିଦ୍‌ମାନେ ସ୍ୱୀକାର କରୁଛନ୍ତି ଯେ ସମାଜରେ ଏପରି କୁପ୍ରଭାବଶାଳୀ ଚରିତ୍ରର ପ୍ରଭାବ ହିଂସାପ୍ରତିହିଂସା, ପାଶବିକତା, ତୃଟିପୂର୍ଣ୍ଣ, ଦୁର୍ନୀତି, କଳାବଜାର, ମଦ୍ୟପାନ ଦ୍ୱାରା ସମ୍ଭବ ହୋଇପାରୁଛି। ଏକ ଉନ୍ନତ ଶୋଭନୀୟ, ମଙ୍ଗଳମୟ, ଶାନ୍ତିମୟ ଭବିଷ୍ୟତ ଗଢ଼ିବା ପାଇଁ ମଣିଷ ସମାଜ ନିଜକୁ ପ୍ରଯତ୍ନ କରୁ। ପଶୁତ୍ୱର ପ୍ରବୃତ୍ତିକୁ ପରିହାର କରି ନିଜ ବିବେକର ଆହ୍ୱାନରେ ମଣିଷ ତା'ର ପ୍ରବୃତ୍ତିକୁ ସୁନିୟନ୍ତ୍ରିତ କରୁ। ଭଗବାନଙ୍କ ସୃଷ୍ଟିରେ ମଣିଷ ଶ୍ରେଷ୍ଠ ଜୀବ। ପ୍ରବୃତ୍ତିର ସୁନିୟନ୍ତ୍ରଣ, ସୁପ୍ରୟୋଗ ଦ୍ୱାରା ହିଁ ମାନବ ଜୀବନର ସାର୍ଥକତା ନିହିତ, ସଂକୀର୍ଣ୍ଣତା, ସ୍ୱାର୍ଥପରତା, କ୍ଷମତାଲିପ୍ସା, ଛଳନା, ଭ୍ରାନ୍ତି ଓ ଅହଂକାରର ମୋହମାୟା ସେ ପରିହାର କରୁ। ପଞ୍ଚମାନବୀୟ ମୂଲ୍ୟବୋଧକୁ ନିଜ ଜୀବନର ବ୍ରତ ଭାବେ ପାଳନ କରି ମଣିଷ ସମାଜ ନିଜ ଜୀବନର ଦିବ୍ୟପଥରେ ଅଗ୍ରସର ହେଲେ ମଣିଷ ଜୀବନ ସାର୍ଥକ ହୁଅନ୍ତା।

## ୮୭ତମ ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସ ପାଳନ ଅବସରରେ କୋଣାର୍କ ଥାନାର ଦୁଇ କର୍ମଚାରୀ ସମ୍ମାନୀତ



କୋଣାର୍କ (ପିଏନ୍)-କୋଣାର୍କ ଥାନାର ଦୁଇଜଣ ପୋଲିସ କର୍ମଚରୀ ନିଜର କର୍ତ୍ତବ୍ୟନିଷ୍ଠ ସେବା ପାଇଁ ସମ୍ମାନିତ ହୋଇଛନ୍ତି । ଗତ ଅପ୍ରେଲ ୧ତାରିଖ ଉତ୍କଳ ଦିବସରେ ପୁରୀ ସ୍ଥିତ ରିଜର୍ଭ ପୋଲିସ ପଡିଆଠାରେ ୮୭ତମ ରାଜ୍ୟ ପୋଲିସର ପ୍ରତିଷ୍ଠ ଦିବସ ପାଳନ ଅବସରରେ ଜିଲ୍ଲା ଆରକ୍ଷୀ ନିରୀକ୍ଷକ କନୱର ବିଶାଳ ସିଂହ ଜିଲ୍ଲାର ବିଭିନ୍ନ ଥାନାରେ କାର୍ଯ୍ୟରତ ଶ୍ରେଷ୍ଠ ପୋଲିସ କର୍ମଚାରୀମାନଙ୍କୁ ସମ୍ମାନିତ କରିଥିଲେ । ସେହି ସମ୍ମାନିତ ପୋଲିସ କର୍ମଚାରୀଙ୍କ ମଧ୍ୟରୁ କୋଣାର୍କ ଥାନାରେ କାର୍ଯ୍ୟରତ ଏଏସଆଇ ନବକିଶୋର ବେହେରା ଓ ହାବିଲଦାର(ଅପରାଧ) ରାଜକିଶୋର ତ୍ରିପାଠୀଙ୍କୁ ପୁରୀ ଏସପି ଶ୍ରୀ ସିଂହ ଶ୍ରେଷ୍ଠ ପୋଲିସ କର୍ମଚାରୀ ଭାବେ ସମ୍ମାନୀତ କରିଛନ୍ତି । ଶ୍ରୀ ବେହେରା ଓ ଶ୍ରୀ ତ୍ରିପାଠୀ ପୋଲିସ ବିଭାଗରେ ଯାଗଦାନ କରି ନିଜ କର୍ମମୟ ଜୀବନ ଆରମ୍ଭ କରିବା ପରଠାରୁ ଏଯାବତ କର୍ତ୍ତବ୍ୟନିଷ୍ଠା ସେବା ପାଇଁ ବିଭାଗର ଉଚ୍ଚପଦସ୍ତ ଅଧିକାରୀ, ସହକର୍ମି ଓ ସାଧାରଣ ଲୋକଙ୍କ ପ୍ରିୟଭାଜନ ହୋଇ ପରିଛନ୍ତି । ଆମ କର୍ମମୟ ଜୀବନ ମଧ୍ୟରେ ପୋଲିସ ବିଭାଗର ଏହି ସମ୍ମାନ ଆମକୁ ଅଧିକ ପ୍ରେରଣା ଯୋଗାଇବ ବୋଲି ସମ୍ମାନୀତ ଦୁଇ ପ୍ରତିଭା ଶ୍ରୀ ବେହେରା ଓ ଶ୍ରୀ ତ୍ରିପାଠୀ କହିଛନ୍ତି । କୋଣାର୍କ ଥାନାର ଆମ ପୋଲି ସମିତି ପକ୍ଷରୁ ଏହି ଦୁଇ କର୍ମଚାରୀଙ୍କ ସଫଳତା ପାଇଁ ପ୍ରଶଂସା କରାଯାଇଛି । କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ କହିଛନ୍ତି ଏହି ଦୁଇ ସମ୍ମାନିତ କର୍ମଚାରୀ ଆମ ଥାନାକୁ ଜିଲ୍ଲାରେ ଗୌରାବାନିତ୍ୱ କରିଛନ୍ତି ।

## ଷଣ୍ଢ ଆକ୍ରମଣରେ ମହିଳା ଗୁରୁତର

ଫୁଲନଖରା (ପଏନ୍)-ଏକ ମାରଣା ଷଣ୍ଢ ଆକ୍ରମଣରେ ସଦର ଥାନା ଅନ୍ତର୍ଗତ ଅରଡ଼ିଆପଦା ଡିହସାହିର କାମିନୀ ପରିଡ଼ା (୪୯) ଗୁରୁତର ଆହତ ହୋଇଛିି । ସେ ନିଜ ବାରି ପଛପଟକୁ ଯାଇଥିଲାବେଳେ ଉକ୍ତ ଷଣ୍ଢଟି ଅଚାନକ ତାଙ୍କୁ ଶିଙ୍ଘରେ ଟେକି କଚାଡ଼ି ଦେଇଥିଲା; କାମିନୀଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବହୁ କଷ୍ଟରେ ଗ୍ରାମବାସୀ ଷଣ୍ଢକୁ ବାନ୍ଧିବାରେ ସଫଳ ହୋଇଥିଲେ ମଧ୍ୟ ସେ ରାତିରେ ଦଉଡ଼ି ଛିଣ୍ଡାଇ ପଳାଇଥିଲା। ଏହା ଯୋଗୁଁ ମହୀଧରପଡ଼ା-ଶଙ୍ଖତ୍ରାସ ରାସ୍ତାରେ ଲୋକମାନେ ଯା'ଆସ କରିବାକୁ ଭୟ କରୁଥିଲାବେଳେ ଡିହସାହି ଓ ନାଥସାହିରେ ଆତଙ୍କ ଖେଳିଯାଇଛି।

# ଦୀର୍ଘାୟୁ ଭବ

ଜାପାନ ଯେତେବେଳେ ୧୯୬୩ରେ ସେ ଦେଶରେ ଶତାୟୁମାନଙ୍କର ଗଣତି ଆରମ୍ଭ କଲା, ସେତେବେଳେ ସେଠାରେ ୧୫୩ ଜଣ ଶତାୟୁ ଥିଲେ ବୋଲି ଜଣାପଡ଼ିଥିଲା। ନିକଟରେ ଜାପାନ ସରକାର ପ୍ରକାଶ କରିଥିବା ସଦ୍ୟତମ ସୂଚନା ଅନୁସାରେ ସେ ଦେଶରେ ଶତାୟୁମାନଙ୍କ ସଂଖ୍ୟା ପହଞ୍ଚିଲାଣି ୪୭,୭୫୬ରେ। ଜାପାନର ଲୋକସଂଖ୍ୟା ପାଖାପାଖି ପ୍ରାୟ ୧୪ କୋଟି ହୋଇଥିବାବେଳେ ପୃଥିବୀର ସର୍ବାଧିକ ସଂଖ୍ୟକ ଶତାୟୁମାନଙ୍କୁ ସେଠାରେ ଦେଖିବାକୁ ମିଳିଥାଏ। ସେତିକି ନୁହେଁ ଜାପାନୀମାନଙ୍କର ହାରାହାରି ଆୟୁଷ ମଧ୍ୟ ପୃଥିବୀର ସର୍ବାଧିକ। ଅବଶ୍ୟ ଅନ୍ୟ ପକ୍ଷରେ ସେଠାରେ ଜନ୍ମ ହାର ବହୁତ ନୀଚା ହୋଇଥିବାରୁ ଜାପାନର ଲୋକସଂଖ୍ୟା ହ୍ରାସ ପାଇ ଚାଲିଛି ଏବଂ ସେଥିରେ ବୃଦ୍ଧ ବୃଦ୍ଧାଙ୍କ ଅନୁପାତ ବୃଦ୍ଧି ପାଇ ଚାଲିଛି। ଏହି ପୃଷ୍ଠଭୂମିରେ ଦେଖିଲେ ସେଇ ଜାପାନର ବୈଜ୍ଞାନିକମାନେ ହିଁ ପୃଥିବୀରେ ମନୁଷ୍ୟର ଆୟୁଷକୁ ଆହୁରି ଦୀର୍ଘ କରିବା ପାଇଁ କୌଶଳ ଉଦ୍ଭାବନ କରିବା ଯଥାର୍ଥ ମନେହୁଏ। ପ୍ରଖ୍ୟାତ ବିଜ୍ଞାନ ପତ୍ରିକା 'ନେଚର'ରେ ଜାପାନର 'ରାଇଜେନ୍ ସେଣ୍ଟର ଫର ଡେଭଲପମେଣ୍ଟ ବାୟୋଲୋଜି'ର ଗବେଷକମାନଙ୍କର ଏକ ସଦ୍ୟ ପ୍ରକାଶିତ ଗବେଷଣାଲବ୍ଧ ଫଳାଫଳ ଏହି ସମ୍ଭାବନାର ଦୃଢ଼ ସୂଚନା ଦେଉଛି। ଅଧିକାଂଶ ଏଭଳି ଗବେଷଣା ପରି ଜାପାନୀ ବୈଜ୍ଞାନିକମାନେ ମୂଷା ଉପରେ ସେମାନଙ୍କର ପରୀକ୍ଷା କରିଛନ୍ତି, ଯାହା ପରେ ମନୁଷ୍ୟ ଠାରେ ପ୍ରୟୋଗ କରାଯାଇପାରେ। ଉଭୟ ମନୁଷ୍ୟ ତଥା ଅନ୍ୟାନ୍ୟ ଜୀବମାନଙ୍କ ମସ୍ତିଷ୍କର ମୂଳରେ ଥିବା ପିଟୁଇଟାରି ଗ୍ରନ୍ଥିରୁ ଝରୁଥିବା ହର୍‌ମୋନ ସବୁ ସେମାନଙ୍କର ଶରୀରକୁ ଠିକ୍ ଭାବରେ କାର୍ଯ୍ୟ କରିବାରେ ସକ୍ଷମ କରିଥାଏ। ମୂଷାମାନଙ୍କ ଠାରୁ ସଂଗୃହୀତ ମୌଳିକ ଜୀବକୋଷ ବ୍ୟବହାର କରି ଉପରୋକ୍ତ ଗବେଷକମାନେ ଏକ କୃତ୍ରିମ ପିଟୁଇଟାରି ଗ୍ରନ୍ଥି ନିର୍ମାଣ କରିପାରିଛନ୍ତି। ଚମତ୍କାର କଥା ହେଲା ଯେତେବେଳେ କେତେକ ପିଟୁଇଟାଲି ଗ୍ରନ୍ଥି ଦୁର୍ବଳ ହୋଇ ଯାଇଥିବା ମୂଷାଙ୍କ ମସ୍ତିଷ୍କରେ ଏହି କୃତ୍ରିମ ଗ୍ରନ୍ଥିକୁ ଖଞ୍ଜି ଦିଆଗଲା ସେଥିରୁ ପୁଣି ସୁସ୍ଥ, ଶକ୍ତିଶାଳୀ ପିଟୁଇଟାରି ଗ୍ରନ୍ଥି ଭଳି ପୁରା ମାତ୍ରାରେ ହର୍‌ମୋନ ସବୁ କ୍ଷରଣ ହେବାକୁ ଲାଗିଲା। ଗବେଷକମାନେ କହୁଛନ୍ତି ଯେ ଆଉ ତିନିବର୍ଷ ମଧ୍ୟରେ ସେମାନେ ମନୁଷ୍ୟ ପାଇଁ କୃତ୍ରିମ ପିଟୁଇଟାରି ଗ୍ରନ୍ଥି ତିଆରି କରିବାରେ ସକ୍ଷମ ହେବେ। ଏହା ଯେଉଁ ସମ୍ଭାବନାର ଦ୍ୱାର ଖୋଲି ଦେଉଛି ତାହା କୌଣସି କାଳ୍ପନିକ ବିଜ୍ଞାନ କାହାଣୀର କଥାବସ୍ତୁ ଭଳି। କ୍ରମେ କୌଣସି ମନୁଷ୍ୟର ନିଜ ଶରୀରରୁ ସଂଗୃହିତ ଷ୍ଟେମ ସେଲକୁ ଆଧାର କରି ତାର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗର ଅରଖ ନୂଆ ସଂସ୍କରଣ ତିଆରି କରାଯାଇ ପାରିବ। ବୟସ ବଢ଼ିବା ସହିତ ଯେଉଁ ସବୁ ଅଙ୍ଗ ପ୍ରତ୍ୟଙ୍ଗ ଦୁର୍ବଳ ବା ଅକାମି ହୋଇଯିବ ତାହା ସ୍ଥାନରେ ଏକ କୃତ୍ରିମ ଅଂଶଗୁଡ଼ିକ ରୋପଣ କରି ଦିଆଯିବ। ଏହାଦ୍ୱାରା ଦୁର୍ବଳ ଅଙ୍ଗ ପ୍ରତ୍ୟଙ୍ଗ ଜନିତ ଅନେକ ମାରାତ୍ମକ ରୋଗକୁ ଦୂରେଇ ଦିଆଯାଇ ପାରିବ। ଜୀବନ ଲମ୍ବି ଯିବ, ମୃତ୍ୟୁ ଘୁଞ୍ଚି ଘୁଞ୍ଚି ଯିବ। ଜାପାନୀମାନଙ୍କର ଆୟୁଷ ଦୁଇଶହ ବର୍ଷ ଅତିକ୍ରମ କରିବ। ଅନ୍ୟ ଦେଶମାନଙ୍କରେ ଶତାୟୁମାନଙ୍କର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିବ। ମନୁଷ୍ୟ ସର୍ବଦା ଦୀର୍ଘ ଜୀବନ କାମନା କରିଥାଏ। ଆଧୁନିକ ବିଜ୍ଞାନକୁ କାର୍ଯ୍ୟରେ ଲଗାଇ ସେ ଏହା ହାସଲ କରିବା ପାଇଁ ଅବିରତ ଉଦ୍ୟମ କରି ଚାଲିଛି। ବିଗତ ଶତାବ୍ଦୀର ଆରମ୍ଭ ସମୟରେ ପୃଥିବୀରେ ମନୁଷ୍ୟର ହାରାହାରି ଆୟୁଷ ପ୍ରାୟ ପଇଁତିରିଶ ବର୍ଷ ଥିବା ବେଳେ ଶତାବ୍ଦୀର ଶେଷ ବେଳକୁ ତାହା ପ୍ରାୟ ଦୁଇଗୁଣ ହୋଇ ସତୁରୀ ବର୍ଷରେ ପହଞ୍ଚିଥିଲା। ଏବେ ପୃଥିବୀର ଜନସଂଖ୍ୟା ଅନ୍ୟୁନ ୭୧୦ କୋଟି ଛୁଇଁବା ପଛରେ ଏହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାରଣ। ଯେଉଁମାନେ ଜନ୍ମ ହେଉଛନ୍ତି ସେମାନେ ପୃଥିବୀପୃଷ୍ଠରେ ଅଧିକରୁ ଅଧିକ କାଳ ଆତଯାତ ହେଉଛନ୍ତି। ୧୯୬୦ରେ ପୃଥିବୀର ଜନସଂଖ୍ୟା ଥିଲା ୩୦୦ କୋଟି, ୧୯୯୯ରେ ଥିଲା ୬୦୦ କୋଟି ଏବଂ ଅନୁମାନ କରାଯାଉଛି ଯେ ୨୦୨୭ରେ ୮୦୦ କୋଟି ଏବଂ ୨୦୪୬ରେ ୯୦୦ କୋଟିରେ ପହଞ୍ଚିବ। ଯଦି ସେତେବେଳକୁ ଜାପାନୀ ଗବେଷକମାନେ ଆଶା କରୁଥିବା ଭଳି କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ବ୍ୟାପକ ରୂପେ ବ୍ୟବହୃତ ହେଉଥିବ ତାହେଲେ ପୃଥିବୀର ଜନସଂଖ୍ୟା ଏହି ଅନୁମାନ ଠାରୁ ମଧ୍ୟ ବହୁ ଅଧିକ ହେବ। ଅତି ଦୀର୍ଘ ଜୀବନ କାମନା କରୁଥିବା ମନୁଷ୍ୟର ସ୍ୱପ୍ନ ସାକାର ହେବାର ଏହି ବାସ୍ତବ ସମ୍ଭାବନା ବ୍ୟକ୍ତି ପାଇଁ ଏକ ଆଶୀର୍ବାଦ ହୋଇପାରେ, କାରଣ ଆୟୁଷ ଲମ୍ବା ହେବା ବହିତ ବାର୍ଦ୍ଧକ୍ୟ ମଧ୍ୟ ଘୁଞ୍ଚି ଘୁଞ୍ଚି ଯିବ ସ୍ୱାସ୍ଥ୍ୟ ମଧ୍ୟ ଅତୁଟ ରହିବ। କିନ୍ତୁ ଏହି ବର୍ଦ୍ଧିଷ୍ଣୁ ଦୀର୍ଘାୟୁ ଲୋକସଂଖ୍ୟାକୁ ଧାରଣ କରିବା ପାଇଁ ଧରିତ୍ରୀ ସକ୍ଷମ ହେବ ତ? ଏକ ହିସାବ ଅନୁସାରେ ଯଦି ପୃଥିବୀର ପ୍ରତ୍ୟେକ ଲୋକର ଜୀବନଧାରଣର ମାନ ଆମେରିକୀୟମାନଙ୍କର ହାରାହାରି ଜୀବନ ଧାରଣର ମାନ ସହ ସମାନ ହୁଏ ତେବେ ପୃଥିବୀର ବର୍ତ୍ତମାନ ଲୋକସଂଖ୍ୟାକୁ ସମ୍ଭାଳିବା ପାଇଁ ଯେତିକି ସମ୍ବଳ ଦରକାର ହେବ ପୃଥିବୀ ଗ୍ରହରେ ତାର ମାତ୍ର ଏକ ପଞ୍ଚମାଂଶ ସମ୍ବଳ ରହିଛି, ବା ଏହି ଆବଶ୍ୟକତା ପୂରଣ ପାଇଁ ୫ଟି ପୃଥିବୀ ଦରକାର ହେବ। ଗତ ସପ୍ତାହରେ ଆନ୍ତର୍ଜାତିକ ଶକ୍ତି ଏଜେନ୍‌ସି ପ୍ରକାଶ କରିଥିବା ରିପୋର୍ଟ ଅନୁସାରେ ଆସନ୍ତା ୨୬ ବର୍ଷ ମଧ୍ୟରେ ପୃଥିବୀରେ କୋଇଲା ବ୍ୟବହାରରେ ୬୫ ପ୍ରତିଶତ ବୃଦ୍ଧି ଘଟିବ। ଅଙ୍ଗାର ନିର୍ଗମନରେ ଅନୁରୂପ ବୃଦ୍ଧି ଘଟି ଉତ୍ତପ୍ତୀକରଣ ଓ ଜଳବାୟୁ ପରିବର୍ତ୍ତନ ସମସ୍ୟା ଏହାଦ୍ୱାରା ଅଧିକ ଜଟିଳ ହେବ। ହୁଏତ ଏ ସବୁ ସମସ୍ୟାର ସମାଧାନ ପାଇଁ ମନୁଷ୍ୟ ନୂଆ ଜୀବନଧାରଣକ୍ଷମ ଗ୍ରହମାନ ଖୋଜିବାରେ ଲାଗିବ ଓ ବିଜ୍ଞାନ ବଳରେ ଅନୁସନ୍ଧାନରେ ସଫଳ ହେବ। ତାହେଲେ ଅତି ଦୀର୍ଘ ଜୀବନ କିମ୍ବା ଅତି ବିଶାଳ ଜନସଂଖ୍ୟା ଆଉ ଏକ ସମସ୍ୟା ହୋଇ ଉଭା ହେବନାହିଁ। ନଚେତ୍ ବିଜ୍ଞାନର ଏହି ଆଶୀର୍ବାଦ ଅଭିଶାପରେ ପରିଣତ ହୋଇଯାଇପାରେ।

## ଦୃଷ୍ଟିହୀନ ମହିଳାଙ୍କୁ ଅସଦାଚରଣ ଓ ହତ୍ୟା ଧମକ, ଅଭିଯୁକ୍ତଙ୍କୁ ୫ବର୍ଷ ଜେଲଦଣ୍ଡ

କେନ୍ଦ୍ରାପଡ଼ା (ପିଏନ୍): ଜଣେ ଦୃଷ୍ଟିହୀନ ମହିଳାଙ୍କୁ ଅସଦାଚରଣ କରିବା ଓ ଆକ୍ରମଣ କରିବା ମାମଲାର ବିଚାର କରି କେନ୍ଦ୍ରାପଡା ଫାଷ୍ଟଟ୍ରାକ କୋର୍ଟ ଅଭିଯୁକ୍ତ କାଳିଆ ମଳିକଙ୍କୁ ୫ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। କାରାଦଣ୍ଡ ସହ ଅଭିଯୁକ୍ତଙ୍କୁ ୫ହଜାର ଟଙ୍କା ଜୋରିମାନା ଦଣ୍ଡାଦେଶ ମଧ୍ୟ ପ୍ରଦାନ କରାଯାଇଛି। ଜୋରିମାନା ଅନାଦେୟ ଅଭିଯୁକ୍ତଙ୍କୁ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ଜଜ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ନିକିରାଇ ଥାନା ଅନ୍ତର୍ଗତ ବେଣୀପୁର ଗ୍ରାମରେ ଜଣେ ଦୃଷ୍ଟିହୀନ ମହିଳାଙ୍କୁ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ତିଗିରିଆ ଗ୍ରାମର କାଳିଆ ମଳିକ ତାଙ୍କ ଅସହାୟତାର ସୁଯୋଗ ନେଇ ତାଙ୍କ ସହ ଅସଦାଚରଣ କରିଥିଲେ। ଏ ସମ୍ପର୍କରେ କାହାକୁ କହିଲେ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ହେଲେ ମହିଳା ଜଣଙ୍କ ସାହସର ସହ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଅବଗତ କରିଥିଲେ। ଫଳରେ ମହିଳାଙ୍କ ପିତା ଘଟଣା ସମ୍ପର୍କରେ ନିକିରାଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ୬୩/୨୦୧୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଏହି ମାମଲାର ଅଭିଯୋଗ ଫର୍ଦ୍ଦ ପୋଲିସ ଫାଷ୍ଟଟ୍ରାକ କୋର୍ଟରେ ଦାଖଲ କରିବା ପରେ କୋର୍ଟରେ ସଂପୃକ୍ତ ମାମଲାର ବିଚାର ଚାଲିଥିଲା। କେନ୍ଦ୍ରାପଡା ଫାଷ୍ଟଟ୍ରାକ କୋର୍ଟର ଆଡହକ ଅତିରିକ୍ତ ଜିଲ୍ଲାଜଜ ତ୍ରିବିକ୍ରମ ଚିନାରା ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି।

## କୋଣାର୍କ ଥାନା ପକ୍ଷରୁ 'ଆମ ପୁଲିସ' କାର୍ଯ୍ୟକ୍ରମ



କୋଣାର୍କ (ପିଏନ୍)-ପୁଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ କରିବା ନିମନ୍ତେ କୋଣାର୍କ ଥାନା ପକ୍ଷରୁ 'ଆମ ପୁଲିସ' କାର୍ଯ୍ୟକ୍ରମ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି । କୋଣାର୍କ ଥାନାଧିକାରୀ ରଞ୍ଜନ ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ 'ଆମ ପୁଲିସ' କାର୍ଯ୍ୟକ୍ରମରେ, ଆମ ପୁଲିସର ସଂଯୋଜକ ରାମକୃଷ୍ଣ ମହାନ୍ତି, ରେଡିଓ ନମସ୍କାରର ଅଧ୍ୟକ୍ଷ, ଆଇନଜୀବୀ ତାପନ କୁମାର ପଟ୍ଟନାୟକ, ପ୍ରମୁଖ ମଞ୍ଚାସିନ ହୋଇ ପୁଲିସ ଓ ସାଧାରଣ ଲୋକଙ୍କର କର୍ତ୍ତବ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଏହି ଅବସରରେ ମଞ୍ଚ ସମ୍ମୁଖରେ ଉପସ୍ଥିତ ଥିବା ଗଣମାଧ୍ୟମର ପ୍ରତିନିଧି, କୋଣାର୍କ ଥାନା ଅଧିନରେ ଥିବା ବିଭିନ୍ନ ପଞ୍ଚାୟତର ସରପଞ୍ଚ, ଲୋକପ୍ରତିନିଧି, ବ୍ୟବସାୟୀ, ବୁଦ୍ଧିଜୀବୀ ଓ ସାଧାରଣ ଜନତା ସାମିଲ ହୋଇ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ନେଇ ଆଲୋଚନାରେ ଭାଗ ନେଇଥିଲେ । କେଉଁ କାରଣ ପାଇଁ ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହୋଇପାରୁନାହିଁ ଏହାକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ଉଭୟଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହୋଇପାରୁନାହିଁ ବୋଲି ମତ ପ୍ରକାଶ ପାଇଥିଲା । ଉଭୟ ସୁସ୍ଥ ମାନସିକତାରେ ସମନ୍ୱୟ ସ୍ଥାପନ କରି କାର୍ଯ୍ୟ କଲେ ଅପରାଧ ନିୟନ୍ତ୍ରଣ ହେବା ସହ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ସର୍ବସମ୍ମତିକ୍ରମେ ମତ ପ୍ରକାଶ ପାଇଥିଲା। ଆମ ପୁଲିସର ଏହି କାର୍ଯ୍ୟକ୍ରମକୁ କୋଣାର୍କ ଥାନାର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ ।

## ରେମୁଣା 'ସମ୍ବାଦ ସାହିତ୍ୟ ଘର' ପକ୍ଷରୁ ବିଶ୍ୱ ପଖାଳ ଦିବସ

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ରେମୁଣା ସମ୍ବାଦ ସାହିତ୍ୟ ଘର ଆନୁକୂଲ୍ୟରେ ସତ୍ୟବାଦୀ ନଗର ପରିଷରରେ ଆନ୍ତର୍ଜାତୀୟ ପଖାଳ ଦିବସ ପାଳିତ ହୋଇଯାଇଛି। ସାହିତ୍ୟ ଘରର ସଭାପତି ଡ. ଭଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ସତ୍ୟରଞ୍ଜନ ଦାସ, ମୁଖ୍ୟବକ୍ତା କବି ନିରଞ୍ଜନ ସାହୁ, ସମ୍ମାନିତ ଅତିଥି କରୁଣାକର ଖଟୁଆ, ଶିକ୍ଷାବିତ୍ ବିଷ୍ଣୁପଦ ପଣ୍ଡା ଯୋଗ ଦେଇ ପଖାଳ ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ସଭା ପ୍ରରମ୍ଭରେ କବି ସତ୍ୟଭାମା ମୁଦୁଲି 'ଆସ ଜୀବନଧନ, ମୋର ପଖାଳ କଂସା' ଗୀତ ଗାନ କରିଥିଲେ। ସଂପାଦକ ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ, ମାଡତୀ ମହାରଣା ଧନ୍ୟବାଦ ଦେଇଥିଲେ। ପଖାଳ ସଂପର୍କିତ ଏକ କବିତା ପାଠୋତ୍ସବ କବି ସାରଦାନନ୍ଦନ ପାଳିତ, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ମହାରଣା, ପ୍ରଭାକର ଦାସ, ଚନ୍ଦ୍ରଧର ଦାସ, ସାମ୍ବାଦିକ କଞ୍ଚମଣି ସ୍ୱାଇଁ ଓ ପ୍ରାପ୍ତି ପ୍ରିୟଦର୍ଶନୀ ମୁଦୁଲି ପ୍ରମୁଖ କବିତା ପାଠ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ। ଶେଷରେ ସମସ୍ତେ ପଖାଳ ସେବନ କରି ଉତ୍ସବର ମଜା ନେଇଥିଲେ।

## କୋଣାର୍କ ଏନଏସିର ନୂତନ ଅଧକ୍ଷାଙ୍କ ଯୋଗଦାନ

କୋଣାର୍କ (ପିଏନ୍)- କୋଣାର୍କ ଏନଏସିର ନବନିର୍ବାଚିତ ଅଧକ୍ଷା ସୁଶ୍ରୀ ସଞ୍ଜୁକ୍ତା ତ୍ରିପାଠୀ ବିଧିବଦ୍ଧ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି । ସୁଶ୍ରୀ ତ୍ରିପାଠୀ ନିଜ ସମର୍ଥକମାନଙ୍କ ସହ ଏନଏସିର କାର୍ଯ୍ୟାଳୟରେ ପହଞ୍ଚିବା ପରେ ନିର୍ବାହୀ ଅଧିକାରୀ ଆକ୍ରିତି ଗୋଏଙ୍କାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏହାପରେ ଅଧକ୍ଷାଙ୍କ ପାଇଁ ଉଦ୍ଦିଷ୍ଟ କକ୍ଷକୁ ଯାଇ ଦାୟିତ୍ୱ ଗ୍ରହଣ କରିବା ସହ କାର୍ଯ୍ୟାଳୟର ସମସ୍ତ ବିଭାଗର ଗୃହକୁ ଯାଇ ତଦାରଖ କରିଥିଲେ । ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରରେ ସେ ନିଜ ପ୍ରତିକ୍ରିୟା ରଖି ପ୍ରକାଶ କରି କହିଥିଲେ ସମସ୍ତଙ୍କ ସହଯୋଗରେ କୋଣାର୍କକୁ ଏକ ବିକଶିତ ସହରରେ ପରିଣତ କରିବା ମୋର ପ୍ରଥମ ଲକ୍ଷ୍ୟ । ଏତଦ୍‌ବ୍ୟତିତ କୋଣାର୍କର ବହୁବିଧ ସମସ୍ୟା ମଧ୍ୟରେ ଜମିଜମାର ସମାଧାନ, ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣିବା, ଆବାସ ଯୋଜନା ମାଧ୍ୟମରେ ବସ୍ତି ବାସିନ୍ଦାଙ୍କୁ ଜମିପଟ୍ଟା ଯୋଗାଇ ଦେବା, ସର୍ବୋପରି କୋଣାର୍କ ଏନଏସିର କୌଣସି ଜନସାଧାରଣ ଯେପରି ମୌଳିକ ସୁବିଧାରୁ ବଞ୍ଚିତ ନ ହେବେ, ସେଥିପ୍ରତି ଗୁରୁତ୍ୱ ଦିଆଯିବ । ଏହି ସମୟରେ ପୁରୀ ଜିଲ୍ଲା ପରିଷଦର ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, କୋଣାର୍କ ଏନଏସି ବିଜେଡି ସଭାପତି ଗୋପାଳ ଚନ୍ଦ୍ର ବେହେରା, ୧୦ ନମ୍ବର ୱାର୍ଡର ବିଜେଡି ସଂଯୋଜକ ଈଶ୍ୱର ଚନ୍ଦ୍ର ଗୋଚ୍ଛାୟତ, ଯୁବନେତା ପ୍ରତାପ ଗୋଚ୍ଛାୟତ, ରମେଶ ଗୋଚ୍ଛାୟତ ପ୍ରମୁଖ ଉପସ୍ଥିତ ରହିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବାଂଶପାଣି ରେଳସାଇଡିଂରେ ୨ ଗୋଷ୍ଠୀ ସଂଘର୍ଷ ଘଟଣାରେ ମାଷ୍ଟର ମାଇଣ୍ଡ ଫେରାର

ଯୋଡ଼ା(ପିଏନ):କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ଠାରେ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ଲୁହା ପଥର ପରିବହନକୁ ନେଇ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଆମିର ହୁସେନକୁ (୩୦) ଯୋଡା ଥାନା ପୋଲିସ ସୋମବାର ମଧ୍ୟ ରାତ୍ରୀରେ ଗିରଫ କରି କେଶ ନଂ ୧୩୦/୨୦୨୦ ଦଫା ୧୪୭/୧୪୮/୪୫୨/୩୨୩/୩୨୫/୪୩୬/୪୨୭/୩୦୭/୫୦୬/୧୪୭ ଆଇପିସି ଧାରରେ ମାମଲା ରଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ହସ୍ତଗତ ହୋଇଛି । ସ୍ଥାନୀୟ ଅଧୀବାସୀଙ୍କ ଠାରୁ ପ୍ରକାଶ ଯେ ଆମିର ହୁସେନର ମାମୁଁ ଏମତି ଫିରୋଜ ଅହମ୍ମଦ ଓରଫ କଲେଜ ସିଧାସଳଖ ଭାବେ ଏହି ଘଟଣାରେ ଗଣ୍ଡଗୋଳ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ମଧ୍ୟ ଯୋଡା ଥାନା ପୋଲିସ କଲେଜଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଥିବା ମନେ ହୁଏ । ଏକଦା ତ କାଳୀନ ବଡବିଲ ଏସଡିପିଓ ରାଜେଶ ପଣ୍ଡିତଙ୍କର ଅତ୍ୟନ୍ତ ଅନୁମତ ଭାବେ ପ୍ରଚାର କରି ନିଜ ଇଛା ମୁତାବକ ବିଭିନ୍ନ ଖଣି ସଂସ୍ଥାରୁ କାର୍ଯ୍ୟ ନେବା ଏବଂ ସ୍ଥାନୀୟ ଅ ଳର ଜନସାଧାରଣ ନାମରେ ପୋଲିସକୁ ମିଥ୍ୟା ତଥ୍ୟ ଯୋଗାଇ ପୋଲିସର ଇନ୍‌ଫର୍ମ ସାଜି କଲେଜ କୋଟି କୋଟି ଟଙ୍କା ମୁନଫା କରିଥିବା ସାଧାରଣରେ ଚର୍ଚ୍ଚା ହୁଏ । ପିଲେଟ ଚୋରି ଠାରୁ ଆରମ୍ଭ କରି ବାଂଶପାଣି ୟୁନାଇଟେଡ୍ କ୍ରସର ଘଟଣା ରେ ଗିରଫ କରାଇବା ସହିତ ମୁକେଶ ସିଂଙ୍ଗାନିଆ ଙ୍କୁ ଗିରଫ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କଲେଜ ନିଜ ସ୍ୱାର୍ଥ ସାଧାରଣ ନିମନ୍ତେ ପୋଲିସକୁ ହାତ ବାରିସ କରି ବ୍ୟବହାର କରୁଥିଲା । ପୋଲିସର ଧମକ ଚମକ ଦେଇ କାମ ହାତଇବା ସହିତ ଯେ କେହିବି ତାଙ୍କ ସ୍ୱାର୍ଥ ରେ ବାଧା ସୃଷ୍ଟି କରୁଥିଲେ ତାଙ୍କୁ ଜେଣେ ତେଣେ ପ୍ରକାରଣେ ପୋଲିସ ସହାୟତା ନେଇ ଗିରଫ କରାଇ ଯୋଡା ଅ ଳରେ ଭୟର ବା ାବରଣ ସୃଷ୍ଟି କରୁଥିଲେ । ଘଟଣା ଦିନ ବାଂଶପାଣି ସାଇଡିଂରେ ବିବାଦର ସୂତ୍ରପାପ୍ତ ଏବଂ ଆକ୍ରମଣର ମାଷ୍ଟର ମାଇଣ୍ଡ କଲେଜ ଥିବା ନେଇ ଫିରୋଜ ମହମ୍ମଦ ଓରଫ କଲେଜ ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳୁଥିଲେ ମଧ୍ୟ ଯୋଡା ଥାନା ପୋଲିସ ଏଯାବତ କଲେଜକୁ କାହିଁକି ଗିରଫ କରିନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କଲେଜ ର ଭଣଜା କୁ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ କଲେଜ ଫେରାର ଥିବା ପୋଲିସର ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । କଲେଜ ଭଳି ଜଣେ ସାଧାରଣ ଲୋକ ଏତେ ଶିଘ୍ର ପୋଲିସର ଆସ୍ଥାଭାଜନ କିପରି ହୋଇପାରିଲା ଏବଂ ଏଯାବତ ତାର କାର୍ଯ୍ୟକଳାପ ପୋଲିସ ରାଡାରକୁ ନଆସିବା ଘଟଣା ସମସ୍ତଙ୍କୁ ଚକିତ କରିଛି । କଲେଜ ଉପରେ ବାରମ୍ୱାର ଆଙ୍ଗୁଳି ନିର୍ଦ୍ଦେଶ ହେଉଥିଲେ ମଧ୍ୟ ପୋଲିସ କେଉଁ ସ୍ୱାର୍ଥକୁ ଆଖି ଆଗରେ ରଖି ତାକୁ ଗିରଫ କରୁନଥିବା ବେଳେ ତାଙ୍କ ଭଣଜା ଆମରି ହୁସେନ ପୂର୍ବରୁ ବାଂଶପାଣି ରେଳ ସାଇଡିଂରେ ଆଇରନ ପିଲେଟ ଚୋରି ଘଟଣାରେ ଜେଲ ଯାଇଥିବା ଜଣାପଡିଛି । ଏହି ଘଟଣାରେ କେନ୍ଦୁଝର ଜିଲ୍ଲା ଏସପି ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।

# ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

# ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣଙ୍କୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

# ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧ୍ୟକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ୍ୟ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲକି ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

# କୋଭିଡ୍ ନିୟମାବଳୀର ଅନୁପାଳନ ପୂର୍ବକ ଆରମ୍ଭ ହେଲା ଉପନିର୍ବାଚନ ପରିଚାଳନା ତାଲିମ

## ପ୍ରିଜାଇଡିଂ ଓ ପ୍ରଥମ ପୋଲିଂ ଅଧିକାରୀଙ୍କ ଅଂଶଗ୍ରହଣ

ବାଲେଶ୍ୱର(ପିଏନ)- ଆଜି ସ୍ଥାନୀୟ ଜିଲ୍ଲା ସ୍କୁଲରେ ଉପ- ନିର୍ବାଚନରେ ନିୟୋଜିତ ହେବାକୁ ଥିବା ପ୍ରିଜାଇଡିଂ ଅଧିକାରୀ ଓ ପ୍ରଥମ ପୋଲିଂ ଅଧିକାରୀମାନଙ୍କର ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟ ତାଲିମ ଦୁଇ ଦିନ ଧରି ଚାଲିବ । ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନର ଓ ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ମାଷ୍ଟର ଟ୍ରେନରଙ୍କ ସମେତ ସେକ୍ଟର ଅଫିସରମାନେ ଅଂଶଗ୍ରହଣ କରି ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି । କୋଭିଡ୍-୧୯ ମାର୍ଗଦର୍ଶିକାର ଅନୁପାଳନ ପୂର୍ବକ ଏହି ତାଲିମ ଶିବିରରେ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ପ୍ରଶିକ୍ଷଣ ବେଳେ ସାମାଜିକ ଦୂରତା ବଜାୟ ରଖାଯିବା ସହିତ ଅଧିକାରୀମାନେ ମୁହଁରେ ମାସ୍କ, ହାତରେ ଗ୍ଲୋଭସ ଏବଂ ସାନିଟାଇଜର ଇତ୍ୟାଦି ବ୍ୟବହାର କରିଥିଲେ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ତରଫରୁ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ନିର୍ବାଚନ ଖସଡା, ନିର୍ବାଚନ ପରିଚାଳନା, ଭୋଟ ଗ୍ରହଣ ସମୟରେ ସତର୍କତା, କୋଭିଡ୍ ନିୟମାବଳୀର ଅନୁପାଳନ, ଇଭିଏମ-ଭିଭିପାଟ ମେସିନର ସଠିକ ବ୍ୟବହାର, ବିଭିନ୍ନ ପ୍ରକାର ଫର୍ମର ଉପଯୋଗିତା ଇତ୍ୟାଦି ସମ୍ପର୍କରେ ଅଧିକାରୀମାନଙ୍କୁ ତାଲିମ ଦିଆଯାଇଛି । ଏହି ତାଲିମ କାର୍ଯ୍ୟକ୍ରମରେ ଆଜି ୫୧୯ଜଣ ଭାଗ ନେବାକୁ ଥିବା ବେଳେ ସେଥିମଧ୍ୟରୁ ୧୫ଜଣ ଅନୁପସ୍ଥିତ ରହିଥିଲେ । ଅନୁପସ୍ଥିତ ଥିବା ଅଧିକାରୀମାନେ ହେଲେ ରାଧାକୃଷ୍ଣ ଗିରି, ଧନୁ ମାରାଣ୍ଡି, ପ୍ରସନ୍ନ କୁମାର ଖିଲାର, ପ୍ରଶାନ୍ତ କୁମାର ଦାସ, ରବିନ୍ କୁମାର ସେଠୀ, ଦୟାନିଧି ସାହୁ, ରତ୍ନାକର ସାହୁ, ସୁବ୍ରତ କୁମାର ଦାଶ, ସୁକୁମାର ଭନିକ,ଅଶ୍ୱିନୀ କୁମାର ନାୟକ, କରୁଣାକର ଜେନା, ରାଜେଶ କୁମାର ଭୂୟାଁ, ଅନନ୍ତ କୁମାର ରାଉଳ, ଗଙ୍ଗାଧର ସାମନ୍ତ ଏବଂ ଶମ୍ଭୁନାଥ ଭୂୟାଁ । ତାଲିମ କାର୍ଯ୍ୟକ୍ରମରେ ଅନୁପସ୍ଥିତ ଥିବା ଅଧିକାରୀମାନଙ୍କ ବିରୁଦ୍ଧରେ ନିୟମାନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ କେ ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି । ଏଥି ସହିତ ଆଗକୁ ଅନୁଷ୍ଠିତ ହେବାକୁ ଥିବା ତାଲିମ କାର୍ଯ୍ୟକ୍ରମରେ କେହି ଅନୁପସ୍ଥିତ ନ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।



MAHARISHI PUBLIC SCHOOL

2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Bhubaneswar Monday January 15, 2024 ଭୁବନେଶ୍ୱର ସୋମବାର, ଜାନୁଆରୀ ୧୫,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ନବୋଦୟ ବିଦ୍ୟାଳୟ ବଣମଲ୍ଲୀଙ୍କ ପ୍ରତିଭାକୁ ପ୍ରସ୍ଫୁଟିତ କରିବାର ପ୍ରୟୋଗଶାଳା ହୋଇଛି:ଧର୍ମେନ୍ଦ୍ର ପ୍ରଧାନ



ଅନୁଗୋଳ,(ପି.ଏନ): ଗୋଟିଏ ପିଲାର ପାଣ୍ଡିତ୍ୟ, ଦକ୍ଷତା ଓ ଗୁଣ କେଉଁ ବୟସରେ ବଢିବ, ତାହା କହିହେବ ନାହିଁ ବରଂ ନବଦୋୟ ବିଦ୍ୟାଳୟ ଦେଶର ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କୁ ଯେଉଁ ଜୀବନ ମୂଲ୍ୟ ଦେଉଅଛି, ତାହା ଆଦର୍ଶ ଓ ମହତ୍ତ୍ୱପୂର୍ଣ୍ଣ ବୋଲି ରବିବାର ଅନୁଗୋଳ ପିଏମ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଫୁଟବଲ ଫର୍ ସ୍କୁଲ ଅଧୀନରେ ଫୁଟବଲ ବିତରଣ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ଆୟୋଜିତ ସ୍କୁଲର ପୁରାତନ ଛାତ୍ର ସଂସଦର ରୌପ୍ୟ ଜୟନ୍ତୀ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ୧୯୮୭ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟ ଜିଲ୍ଲାର ଗରିବ ଓ ମଧ୍ୟବିତ୍ତ ବର୍ଗର ଛାତ୍ରଛାତ୍ରୀ ମାନେ ପାଠ ପଢୁଛି । ଏହି ସ୍କୁଲ ବଣମଲ୍ଲୀଙ୍କ ପ୍ରତିଭାକୁ ପ୍ରସ୍ଫୁଟିତ କରିବାର ଏକ ପ୍ରୟୋଗଶାଳା ହୋଇଛି । ଆଜି ୬ କୋଟି ୫୫ ଲକ୍ଷ ଟଙ୍କା ବ୍ୟୟବରାଦରେ ଶିଳାନ୍ୟାସ ହୋଇଥିବା ୭୫୦ ସିଟ୍ କ୍ଷମତା ବିଶିଷ୍ଟ ବହୁମୁଖୀ ସଭାଗୃହ ଏବଂ ଇଣ୍ଟିଗ୍ରେଟେଡ୍ ସ୍ପ ?ର୍ଟ୍ସ କମ୍ପଲେକ୍ସ ଛାତ୍ରଛାତ୍ରୀଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ବିକାଶ କରିବାରେ ବେଶ୍ ଉପଯୋଗୀ ହେବ । ଛାତ୍ରଛାତ୍ରୀଙ୍କୁ ଶିକ୍ଷା କ୍ଷେତ୍ରରେ ବିଶେଷ ସୁବିଧା ପ୍ରଦାନ କରିବ । ଛାତ୍ରଛାତ୍ରୀମାନେ ଦେଶ ଦୁନିଆର ନୂଆ ନୂଆ କଥା ଜାଣିବେ । ଏହା ଦ୍ୱାରା ସେମାନଙ୍କର ଆତ୍ମବିଶ୍ୱାସ ବଢିବ । ପିଲା ମାନଙ୍କୁ ଶାରିରୀକ ଭାବେ ସୁସ୍ଥ ରଖିବା ସହ ସେମାନଙ୍କ ମଧ୍ୟରେ ଖେଳୁଆଡ ମନୋଭାବ ଜାଗ୍ରତ କରିବ ।ଅନୁଗୋଳ ଜବାହର ନବୋଦୟ ବିଦ୍ୟାଳୟରେ ଫିଫାର ଫୁଟବଲ୍ ଫର୍ ସ୍କୁଲ ଅଧୀନରେ ଛାତ୍ରଛାତ୍ରୀଙ୍କୁ ଫୁଟବଲ ବିତରଣ କରିଥିଲେ କେନ୍ଦ୍ରମନ୍ତ୍ରୀ । ସେ କହିଥିଲେ ବିଦ୍ୟାଳୟରେ ଖେଳ ଉଭୟ ଛାତ୍ରଛାତ୍ରୀ ଓ ଶିକ୍ଷା ବ୍ୟବସ୍ଥା ପାଇଁ ବହୁତ ଲାଭଦାୟକ ଅଟେ । ଆଜି ପ୍ରଧାନମନ୍ତ୍ରୀ ମୋଦିଙ୍କ କଳ୍ପନାରେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ସୁସ୍ଥ ରଖିବା ସହ ଖେଳ ପ୍ରତି ଉତ୍ସାହ ଆଣିବା ଲକ୍ଷ୍ୟରେ ଫୁଟବଲ ଫର୍ ସ୍କୁଲ୍ କାର୍ଯ୍ୟକ୍ରମ ଅଧୀନରେ ଛାତ୍ରଛାତ୍ରୀଙ୍କୁ ଫୁଟବଲ ବିତରଣ କରି ଆନନ୍ଦିତ । ଫିଫା ସମଗ୍ର ବିଶ୍ୱରେ ୪୦ ଲକ୍ଷ ଫୁଟବଲ ବିତରଣ କରୁଥିବା ବେଳେ କେବଳ ଭାରତରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ, ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେସନ (ଏଆଇଏଫଏଫ) ସହଯୋଗରେ ୧ ଲକ୍ଷ ୫୫ ହଜାର ସ୍କୁଲରେ ୮୨ ଲକ୍ଷ ୪ ହଜାର ୨୭୯ ଫୁଟବଲ ବିତରଣ କରାଯାଉଛି । ଯେଉଁଥିରେ ଫିଫା ପ୍ରାୟ ୧୧ ଲକ୍ଷ ୧୫ ହଜାରରୁ ଉର୍ଦ୍ଧ୍ୱ ଫୁଟବଲ ଦେଉଛି । ଅନୁଗୋଳରେ ମୋଟ ୧୬୯ଟି ସ୍କୁଲରେ ପ୍ରାୟ ୯୦୦ଟି ଫୁଟବଲ ବିତରଣ କରାଯିବ ।ପିଏମ ଶ୍ରୀ ସ୍କୁଲ ନବଦୋୟ ବିଦ୍ୟାଳୟ, ଅନୁଗୋଳ ଶିକ୍ଷା, ଦକ୍ଷତା, ଖେଳ କ୍ଷେତ୍ରରେ ମଣିଷ ତିଆରି କରିବାର କାରଖାନା ଅଟେ । ଗାଁ ଗାଁରୁ ଛାତ୍ରଛାତ୍ରୀମାନେ ନବୋଦୟ ସ୍କୁଲରୁ ଯାଇ ଉଚ୍ଚ୍ ଶିକ୍ଷା ହାସଲ କରି ଜୀବନରେ ସଫଳତା ହାସଲ କରୁଛନ୍ତି । ଆଗାମୀ ଦିନରେ ନବ ଭାରତ, ନବ ଓଡ଼ିଶା ଏବଂ ନୂଆ ଅନୁଗୋଳ ତିଆରି କରିବାରେ ଗୁରୁ ଦାୟିତ୍ୱ ନେବ, ଏହା ପୂର୍ଣ୍ଣ ବିଶ୍ୱାସ ରହିଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ଯେ ଚ୍ଛେଣ୍ଡିପଡ଼ାର ସମୃଦ୍ଧମୟ ଇତିହାସ ଅଛି । ଏଠାରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀ ମୌଳିକ ଶିକ୍ଷାର ବ୍ୟବହାରିକ ରୂପ ଦେଇଥିଲେ । ଚ୍ଛେଣ୍ଡିପଡ଼ାରେ ଥିବା ନବକୃଷ୍ଣ ଚୌଧୁରୀ ସରକାରୀ ବିଦ୍ୟାଳୟର ଦାୟିତ୍ୱ ଆମେ ସମସ୍ତେ ନେବା ଉଚ୍ଚିତ୍ ।ଉଲ୍ଲେଖନୀୟ ଯେ, ପିଏମ୍ ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟ, ଅନୁଗୋଳରେ ଶିଳାନ୍ୟାସ ହୋଇଥିବା ବହୁମୁଖୀ ସଭାଗୃହ ପାଇଁ ୫.୬ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ଏହାବ୍ୟତିତ ୧ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରି ଇଣ୍ଟିଗ୍ରଟେଡ ସ୍ପ ?ର୍ଟ୍ସ କମ୍ପଲେକ୍ସରେ ବାସ୍କ ?ଟ୍ ବଲ୍, ଟେନିସ, ବ୍ୟାଡମିଣ୍ଟନ, ଭଲିବଲ୍ ଖେଳିବା ଭଳି ଅତ୍ୟାଧୁନିକ ସୁବିଧା ପ୍ରଦାନ କରାଯିବ । ଶାରିରୀକ ବ୍ୟାୟାମ ପାଇଁ ଏଠାରେ ଏକ ଜିମ ନିର୍ମାଣ କରାଯିବ ।

# ୫ ଦିନ ଧରି ଅନୁଷ୍ଠିତ ଗଜପତି ଉତ୍ସବ ଉଦଯାପିତ, ନୃତ୍ୟ ସଙ୍ଗୀତ ବିଭିନ୍ନ ଷ୍ଟଲ ଆଦିର ମହାମିଳନର ଆକାଶ୍ରଣରେ ଲୋକେ ହେଲେ ବିମୋହିତ



ପାରଳାଖେମୁଣ୍ଡି,(ପି.ଏନ): ଗଜପତି ଜିଲ୍ଲା ମହକୁମା ଠାରେ ଥିବା ଗଜପତି ଷ୍ଟାଡିଅମରେ ଗତ ୫ ଦିନ ଧରି ଅନୁଷ୍ଠିତ ଗଜପତି ଉତ୍ସବ - ୨୦୨୩ ଶନିବାର ରାତ୍ର ୧୨ ଟାରେ ସମାପିତ ହୋଇ ଉଦଯାପିତ ହୋଇଯାଇଛି. ଚ୍ଳିତ ବର୍ଷ ଉତ୍ସବରେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ, ସଙ୍ଗୀତ, ଷ୍ଟଲ ମାନଙ୍କର ବିଭିନ୍ନ ଆକାଶ୍ରଣରେ ଲୋକେ ବିମୋହିତ ହୋଇଥିଲେ. ରାଜ୍ୟ ଓ ରାଜ୍ୟ ବାହାର କଳାକାରଙ୍କ ମହାମିଳନରେ ନୃତ୍ୟ ସଙ୍ଗୀତ ହୋଇଥିଲା । ପଲ୍ଲିଶ୍ରୀ ମେଳାରେ ଖୋଲା ଯାଇଥିବା ଷ୍ଟଲରେ ଭଲ ବିକ୍ରିବଟା ହୋଇଥିଲା । ଜିଲ୍ଲା ତଥା ଜିଲ୍ଲା ବାହାରରୁ ଆସିଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଉତ୍ପାଦନ ସାମଗ୍ରୀର ଚ୍ାହିଦା ରହିଥ ?ିବା ଯୋଗୁଁ ଭଲ ବେଉସା ହୋଇଥିଲା ଝ ଖାଦ୍ୟମେଳାରେ ବିଭିନ୍ନ ଷ୍ଟଲରେ ଭିଡ ଜମିଥିଲା ଓ ଅନ୍ତିମ ରଜନୀରେ ୧୧ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏଥିରେ ଗୁମ୍ମା, ଗୋଷାଣି,କାଶୀନଗର ବ୍ଲକର ନୃତ୍ୟ ଦଳ ସମେତ ମିରାକଲ ଗ୍ରୁପର ଗୋଟିପୁଅ, ବିନିଶା କୁଚୁପୁଡି ଏକାଡେମୀର କୁଚୁପୁଡି ନୃତ୍ୟ, ଭବାନୀପାଟଣାର ବାଜାସାଲ, ମହକ-୨୦୨୩ର ବିଜୟ ଦଳ, ପୁରୀର ଗୋଟିପୁଅ, ଜୟ ଜଗନ୍ନାଥ ମର୍ଡେନ ଡ୍ୟାନ୍ସର ଶିବ ତାଣ୍ଡବ ଏବଂ ଦେଖ ଜିଲ୍ଲା ଗଜପତି ସ୍ୱତନ୍ତ୍ର ଡ୍ୟାନ୍ସ ଆଦି ପରିବେଷଣ କରାଯାଇଥିଲା ଓ ଉତ୍ସବର ଶେଷ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ସାଂସଦ ଚ୍ନ୍ଦ୍ରଶେଖର ସାହୁ ଯୋଗ ଦେଇଥିଲେ ଓ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ସ୍ଥିତ ଓରମାସ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁହା ତାପସ କୁମାର, ଆଇଏମ୍ଏସ୍ଏଟି ଭୁବନେଶ୍ୱର ସିଏଇଆରର ନିର୍ଦ୍ଦେଶକ ଡ. ରାମାନୁଜନାରାୟଣ, ଅବସରପ୍ରାପ୍ତ ପ୍ରଶାସକ ପୂର୍ଣ୍ଣଚ୍ନ୍ଦ୍ର ମହାପାତ୍ର, ଗଜପତି ଓଏସ୍ଏପି(ଏସ୍ଏସ୍) ତୃତୀୟ ବାଟାଲିଅନର କମାଣ୍ଡାଣ୍ଟ ଅଶୋକ କୁମାର ମହାନ୍ତି ଓ ଗଜପତି ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁନିଲ ମହାନ୍ତି ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍. କୁମାର ଯୋଗଦେଇଥିଲେ । ଏଥିରେ ସଭାପତିତ୍ୱ କରିଥିଲେ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ସ୍ମୃତି ରଞ୍ଜନ ପ୍ରଧାନଏହି ଅବସରରେ ଗଜପତି ଉତ୍ସବର ସମସ୍ତ କମିଟିର ଅଧକ୍ଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଝ ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲାପାଳ ଶ୍ରୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ମୁଖ୍ୟ ଡ. ଗୁଣନିଧି ନାୟକ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଆଲୋକ କୁମାର ପ୍ରଧାନଙ୍କ ସମେତ ସମସ୍ତ ଅଧୀକାରୀ ଓ କର୍ମଚ୍ାରୀ ପରିଚ୍ାଳନାରେ ସହଯୋଗ କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା କରିବାପାଇଁ ଗଜପତି ଜିଲ୍ଲା ଆରକ୍ଷୀ ଅକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବିଭିନ୍ନ ଥାନା ଅଧିକାରୀଙ୍କ ସମେତ ପୁଲିସ ଅଧିକାରୀ ଓ କର୍ମଚ୍ାରୀ ମୁତୟନ ହୋଇଥିଲେ ।

# ଧାନକିଣାରେ ବ୍ୟାପକ ଦୁର୍ନୀତି, ଟୋକନ, ଟାର୍ଗେଟ ଓ ମଣ୍ଡି ସମସ୍ୟାରେ ଘୋର ଅବ୍ୟବସ୍ଥା

## ଏମ.ଏସ.ପି ବୃଦ୍ଧି ଓ ପ୍ରତି କ୍ୱିଂଟାଲରେ ୬ଶହ ଟଙ୍କା ବୋନସ ଦେବାକୁ ଦାବିକଲା କିଷାନ କଂଗ୍ରେସ



ଭୁବନେଶ୍ୱର,(ପି.ଏନ): ବହୁବାର ଦାବ ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ସ୍ୱାମୀନାଥନ କମିଟି ସୁପାରିଷ ଅନୁଯାୟୀ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି କରାଗଲା ନାହିଁ ଓ ଏମ.ଏସ.ପି.ର ଆଇନଗତ ଗ୍ୟାରେଂଟି ମିଳିଲା ନାହିଁ । ଫଳରେ ଚାଷୀ ବହୁ କ୍ଷତିର ସମ୍ମୁଖୀନ ହେଉଛନ୍ତି । ବର୍ତମାନ ରାଜ୍ୟରେ ଯେଉଁ ଧାନମଣ୍ଡିଗୁଡ଼ିକ ଖୋଲାଯାଇଛି, ସେଠାରେ ବ୍ୟାପକ ଦୁର୍ନୀତି ଓ ଚାଷୀଙ୍କୁ ଶୋଷଣ କରାଯିବା ସହ ମଣ୍ଡି ଅବ୍ୟବସ୍ଥା, ଟୋକନ ସମସ୍ୟା, ଅଭାବୀ ବିକ୍ରି, ଚାଷୀଙ୍କ ପାଇଁ କାଳ ହୋଇଛି । ସରକାର ଧାନ କିଣିବା ପରିବର୍ତେ ମିଲର ଧାନ କିଣୁଛନ୍ତି । ପ୍ରଶାସନ, ସରକାର ଓ ମିଲରଙ୍କ ମଧୁଚନ୍ଦ୍ରିକାରେ ଧାନ କିଣାଯାଉଛି । ଚାଷୀ ତା'ର ହକ୍ ପାଉନାହିଁ । ମଣ୍ଡିରେ ବହୁ ଅବ୍ୟବସ୍ଥା ହେଉଛି ଫଳରେ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି । ଏଣୁ ଏହି ସମସ୍ୟାର ତଥ୍ୟ ଅନୁସନ୍ଧାନ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ପ୍ରଦେଶ କିଷାନ କଂଗ୍ରେସ ରାଜ୍ୟ ଅଧକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ କିଷାନ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲା ଗସ୍ତକରି ମଣ୍ଡିରେ ଚାଷୀ ଓ ପ୍ରଶାସନ ସହିତ ଆଲୋଚନା କରି ଫେରିବା ପରେ ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କିଷାନ କଂଗ୍ରେସ ଅଧକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି ଯେ, ସରକାର ଚାଷୀଙ୍କ ସମସ୍ତ ବଳକା ଧାନ ନିର୍ଦ୍ଧାରିତ ସମୟ ଓ ସର୍ବନିମ୍ନ ସହାୟକ ମୂଲ୍ୟରେ ୨୦୨୩ ଖରିଫ୍ ଧାନ ସଂଗ୍ରହ କରିବା ପାଇଁ ଚାଷୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଫଳ ଓଲଟା । ଧାନ ଅମଳର ଠିକ୍ ସମୟରେ ମଣ୍ଡି ଖୋଲାଯାଉ ନାହିଁ । ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ୧୫ ପ୍ରତିଶତରୁ ଅଧିକ ଧାନ ଚାଷୀ ଅଣ୍ଡର ରେଟ୍‌ରେ ବିକିବା ପରେ ମଣ୍ଡି ଖୋଲା ଯାଉଛି । ଲଘୁଚାପ ଜନିତ ବର୍ଷାରେ ଧାନ ଫସଲ ବହୁଳ ଭାବରେ ପ୍ରଭାବିତ ହୋଇଛି । ଧାନର ବେରଙ୍ଗୀ ହେବାଦ୍ୱାରା ଏହି ଧାନକୁ କିଣିବା ପାଇଁ ମିଲର ବିଭିନ୍ନ ଆଳ ଦେଖାଉଛନ୍ତି । ଧାନ କିଣାରେ ୨ ରୁ ୫ କେ.ଜି ପର୍ଯ୍ୟନ୍ତ କଟନି ଛଟନୀ ଚାଲିଛି, ବିଭିନ୍ନ ମଣ୍ଡିରେ ଏକମାସରୁ ଉର୍ଦ୍ଧ୍ୱ ହେଲା ଧାନ ପଡ଼ି ରହିଥିବା ବେଳେ ମିଲରମାନେ ଧାନ ଉଠାଉ ନାହାନ୍ତି, ନିର୍ଦ୍ଧାରିତ ସମୟରେ ଚାଷୀ ଧାନ ବିକିବା ପାଇଁ ଟୋକନ ପାଉନାହିଁ, ଏହାଦ୍ୱାରା ମିଲର ମାଲାମାଲ ହେବାବେଳେ ଚାଷୀ ହଜାରେ ବାରଶହ ଟଙ୍କାରେ ଧାନ ବିକିବାକୁ ବାଧ ହେଉଛନ୍ତି, ଅଖା ଖର୍ଚ୍ଚ ଚାଷୀଙ୍କୁ ଦିଆଯାଉନାହିଁ, ସରକାର ଶ୍ରୀପଦ୍ଧତିରେ ଓ ହୀରାକୁଦ ଜଳସେଚିତ ଅଞ୍ଚଳ ତଥା ଅନ୍ୟାନ୍ୟ ଜଳସେଚିତ ଅଞ୍ଚଳରେ ଧାନ ଚାଷ କରିବା ପାଇଁ ପ୍ରୋତ୍ସାହନ ଦେଉଥିବା ବେଳେ ପ୍ରତି ଏକର ପିଛା ଏହି ଅଂଚଳରେ ୩୫-୪୦ କ୍ୱିଂଟାଲ ପର୍ଯ୍ୟନ୍ତ ଧାନ ଉତ୍ପାଦନ ହେଉଛି । କିନ୍ତୁ ଚାଷୀଙ୍କଠାରୁ ସରକାର ଜଳସେଚିତ ଅଂଚଳରୁ ୧୯ କ୍ୱିଂଟାଲ ଅଣଜଳସେଚିତ ଅଞ୍ଚଳରୁ ୧୩ କ୍ୱିଂଟାଲ ଧାନ କିଣିବା ଦ୍ୱାରା ଆଉ ବଳକାଧାନ ଚାଷୀ କରିବେ କ'ଣ ବୋଲି ଅଭିଯୋଗ କରାଯାଇଛି, ମାନ୍ୟବର ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସରକାର ଚାଷୀର ସବୁ ବଳକା ଧାନ ନିର୍ଦ୍ଧାରିତ ଏମ.ଏସ.ପିରେ କିଣିବାକୁ ବାଧ । କିନ୍ତୁ ସରକାର ଏହା କରୁନାହାନ୍ତି, ଅନେକ ମଣ୍ଡିରେ ମଧ ସିସିଟିଭି କ୍ୟାମେରା ଲାଗିନାହିଁ, ଚାଷୀମାନଙ୍କ ବସିବା, ବିଶ୍ରାମ ନେବା ଓ ପାନୀୟଜଳର ସୁବିଧା ପାଇଁ ବ୍ୟବସ୍ଥା ନାହିଁ, ମଣ୍ଡିରୁ ଧାନ ଉଠାଇବା କେବଳ ମିଲରର କାମ । କିନ୍ତୁ ମିଲର ସରକାରଙ୍କ ଦଣ୍ଡିଆ ସାଜି ଚାଷୀଙ୍କଠାରୁ ମଣ୍ଡିରୁ ସିଧା ସଳଖ ଧାନ କିଣୁଛନ୍ତି, ପରିସଂଖ୍ୟାନ ଅନୁଯାୟୀ ପ୍ରତି କ୍ୱି ।ଲ ଧାନ ଉତ୍ପାଦନରେ ଶ୍ରମ ସହିତ ଚାଷୀକୁ ବର୍ତମାନ ୨୭ଶହ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି । କିନ୍ତୁ ଚାଷୀ ଏମ.ଏସ.ପି. ପାଉଛନ୍ତି ୨୧୮୩ । ଏହି ମର୍ମରେ ଚାଷୀଙ୍କୁ ପ୍ରତି କ୍ୱିଂଟାଲରେ ୫୧୭ ଟଙ୍କା କ୍ଷତି ସହିବାକୁ ପଡୁଛି । ତେଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ଧାନ କିଣାରେ ପ୍ରତି କ୍ୱିଂଟାଲ ପିଛା ଚାଷୀଙ୍କୁ ଅତ୍ୟନ୍ତ ପକ୍ଷେ ୬ଶହ ଟଙ୍କା ବୋନସ୍ ଦେବା ଆବଶ୍ୟକ, ଅସାଧୁ ମିଲର ଓ ପ୍ରଶାସନିକ କର୍ମଚାରୀଙ୍କ ପ୍ରତି ସରକାରଙ୍କର ରୋକ୍ ନ ଥିବାରୁ ବହୁ ଯାଗାରେ ଧାନ କିଣାରେ ବ୍ୟାପକ ଦୁର୍ନୀତି ହେଉଛି, ପ୍ରତି ବ୍ଲକସ୍ତରରେ ମଣ୍ଡି ଜଗିବା ପାଇଁ ଏକ ସ୍ୱତନ୍ତ୍ର ସ୍କାର୍ଡ ଗଠନ କରାଯିବା ଅତ୍ୟନ୍ତ ଜରୁରୀ, ଧାନ କିଣାରେ ସରକାରଙ୍କ ସ୍ୱଚ୍ଛତା କେବଳ ପ୍ରଚାର ପ୍ରସାରରେ ସୀମାବଦ୍ଧ ରହିଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଏହି ମର୍ମରେ କିଷାନ କଂଗ୍ରେସ ଅଧକ୍ଷ ଶ୍ରୀ ପଟ୍ଟନାୟକ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସହିତ ସବିଶେଷ ଆଲୋଚନା କ୍ରମେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ଦାବୀପତ୍ର ପଠାଇଛନ୍ତି । ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ବୀର ବିକ୍ରମ ଯାଦବଙ୍କ ସହିତ ଆଲୋଚନା କରି ତୁରନ୍ତ ଏହି ସବୁ ସମସ୍ୟାଗୁଡ଼ିକର ସମାଧାନ କରିବାକୁ ଦାବି କରାଯାଇଛି । ଯଦି ଏହି ସମସ୍ୟାଗୁଡ଼ିକର ସମାଧାନ କରା ନ ଯାଏ, ପ୍ରତି ମଣ୍ଡିସ୍ତରରେ କିଷାନ କଂଗ୍ରେସ ତରଫରୁ ସରକାରଙ୍କ ବିରୁଦ୍ଧରେ ପ୍ରତିବାଦ କରାଯିବ ବୋଲି ଶ୍ରୀଯୁକ୍ତ ପଟ୍ଟନାୟକ ସରକାରଙ୍କୁ ଚେତାବନୀ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ମୁଖପାତ୍ର ମନୋରଞ୍ଜନ ଦାସ, ରଜନୀ ମହାନ୍ତି, କିଷାନ କଂଗ୍ରେସର ଅରୁଣ ଜେନା, ଦାଶରଥି ସାହୁ, ନୂତନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray